# ଜୟନ୍ତିପୁରରେ ଶତାଧିକ ଜ୍ୱରରେ ଆକ୍ରାନ୍ତ, ଡେଙ୍ଗୁ ସନ୍ଦେହ

ପାତ୍ରପୁର,୧୭।୭ (ଉମା ଚରଣ ନେପାକ):

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜୟନ୍ତିପୁର ଗ୍ରାମରେ କିଛି ଦିନ ଧରି ଭୂତାଣୁଜନିତ ସଂକ୍ରମଣ ବ୍ୟାପୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭ ଜଣ ଡେଙ୍ଗୁରେ ପୀଡ଼ିତ ହୋଇଥିବା ଗ୍ରାମବାସୀ କହିଛନ୍ତି। ତେବେ ଡେଙ୍ଗୁ ଖବରକୁ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅସ୍ୱୀକାର କରାଯାଇଛି। ଗ୍ରାମରେ କିଛି ଦିନ ଧରି ଲୋକେ ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। କେତେକ ଲୋକ ପଡୋଶୀ ରାଜ୍ୟ ଆନ୍ଧ୍ରର ଇଚ୍ଛାପୁର ଓ ବ୍ରହ୍ମପୁର ଘରୋଇ ଡ଼ାକ୍ତରଖାନାରେ ରକ୍ତ ପରୀକ୍ଷା କରିବା ପାଇଁ ଯାଇଥିବା ବେଳେ ସେଠାରେ ଡେଙ୍ଗୁ ରୋଗରେ ପୀଡିତ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଗ୍ରାମରେ ପରିମଳ ବ୍ୟବସ୍ଥାରେ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଅଛି। ଗ୍ରାମରେ ପ୍ରତ୍ୟେକ ଜାଗାରେ କୁଢ଼ କୁଢ଼ ଅଳିଆ ଆବର୍ଜ୍ଜନା ଜମା ହେଉଥିବା ଦେଖିବାକୁ ମିଳିଛି। ନିଲାପୁ ସାହି, ରାଉଳ ସାହି, ସ୍କୁଲ ସାହି, ହରିଜନ ସାହି, ଦେଉଳ ସାହି ଓ ନୂଆଁ ବସଷ୍ଟାଣ୍ଡ ପରିସରରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହେଉଥିବା ଦେଖିବାକୁ ମିଳିଛି। ଏଥିସହିତ ଗ୍ରାମରେ ମେଗା ପ୍ରୋଜେକ୍ଟ ଦ୍ୱାରା ଖନନ ହୋଇଥିବା ପାଇପ ଲାଇନ କାର୍ଯ୍ୟ ଜାରି ରହିଛି। ପାଇପ ଲାଇନ ପାଇଁ ଖନନ ହୋଇଥିବା ମାଟି ଧସିଯିବା ପରେ ସେଠାରେ କୃତ୍ରିମ ଖାଲ ସୃଷ୍ଟି ହୋଇଛି ଏବଂ ସେଥିରେ ମଧ୍ୟ ଅଳିଆ ଆବର୍ଜ୍ଜନା ଓ ଦୁର୍ଗନ୍ଧ ପାଣି ଜମି ରହି ପରିବେଶ ଦୂଷିତ ହେଉଛି। ଗ୍ରାମବାସୀ କହିବା ଅନୁସାରେ ଗ୍ରାମରେ ପରିମଳ ବ୍ୟବସ୍ଥା ଠିକ ନଥିବା ଯୋଗୁଁ ଲୋକେ ଅଜଣା ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ଘରୋଇ ଡ଼ାକ୍ତରଖାନାରେ ରକ୍ତ ପରୀକ୍ଷା ପରେ ଡେଙ୍ଗୁରେ ପୀଡ଼ିତ ହୋଇଥିବା ଘରୋଇ ଡ଼ାକ୍ତରଖାନାରେ ନିର୍ଦ୍ଧାରଣ କରୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଦେଖିବାକୁ ମିଳିଛି। ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ସମ୍ବିତ ବେଗରାଇଙ୍କ ସହିତ ଯୋଗାଯୋଗ କରିବାରୁ ଗ୍ରାମରେ ଅଜଣା ଜ୍ୱରରେ ଛୋଟ ଛୋଟ ଛୁଆ ପୀଡ଼ିତ ହୋଇଥିବା ଶୁଣିବାକୁ ପାଇଛି। ଏହି ବିଷୟରେ ବୁଧବାର ବୈଠକ କରି ଆଲୋଚନା କରାଯାଇଛି। ତୁରନ୍ତ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗୋଟିଏ ଟିମ ଗ୍ରାମରେ ପହଞ୍ଚି ଘର ଘର ବୁଲି ଜ୍ୱରରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିମାନଙ୍କ ନମୁନା ସଂଗ୍ରହ କରାଯାଇ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।


ଜୟନ୍ତପୁର ରାସ୍ତା ଆବର୍ଜନା ପଡ଼ିଛି, ପ୍ରଶାସନ ପକ୍ଷରୁ ସଫା କରା ନ ଯିବାରୁ ବିଭିନ୍ନ ପ୍ରକାର ମଶା, ମାଛିବଂଶ ବୃଦ୍ଧି ପାଇ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପୁଛି।

## ଜିଡିଏଏ ପକ୍ଷରୁ ଦାବିପତ୍ର

ବ୍ରହ୍ମପୁର,୧୭।୭(ସ୍ୱାଧୀନ ଶେଖର ପାଢ଼ୀ) ଗଞ୍ଜାମ ଜିଲା ଆଥଲେଟିକ ଆସୋସିଏସନ (ଜିଡିଏଏ) ପକ୍ଷରୁ ଏକଜିକ୍ୟୁଟିଭ ବଡି ଗଠନ ପାଇଁ ଜିଲାପାଳ ତଥା ଆସୋସିଏଶନର ସଭାପତିଙ୍କୁ ଏକ ପତ୍ର ପ୍ରେରଣ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଏହି ଆସୋସିଏଶନରେ ଆଜୀବନ ସଦସ୍ୟ ଓ ବାର୍ଷିକ ସଦସ୍ୟ ରହିଛନ୍ତି। ଜିଲାରେ କ୍ରୀଡାର ବିକାଶ ପାଇଁ ଉକ୍ତ ସଂଗଠନ କାମ କରୁଛି। କିନ୍ତୁ ଗତ ୨୦୧୮ ଜୁଲାଇ ୨୯ରେ ଏକଜିକ୍ୟୁଟିଭ ବଡିଗଠିତ ହୋଇଥିଲା। ଏହାର କାର୍ଯ୍ୟକାଳ ୪ବର୍ଷ। ପ୍ରତି ୪ବର୍ଷକୁ ଥରେ ନୂତନ ଏକଜିକ୍ୟୁଟିଭ ବଡି ଗଠନ କରାଯିବା କଥା। ଉକ୍ତ ଏକଜିକ୍ୟୁଟିଭ ବଡିର କାର୍ଯ୍ୟକାଳ ୨୦୨୨ ଜୁଲାଇ ୨୯ରେ ସରିଗଲାଣି। କିନ୍ତୁ ଏଯାଏଁ ଏକଜିକ୍ୟୁଟିଭ ବଡିଗଠିତ ହୋଇନାହିଁ। ତେଣୁ ଗଞ୍ଜାମ ଜିଲାରେ କ୍ରୀଡା କ୍ଷେତ୍ରରେ କୌଣସି ବିକାଶ ହୋଇପାରୁନାହିଁ ବୋଲି ଜିଡିଏଏର ପୂର୍ବତନ ସାଧାରଣ ସମ୍ପାଦକ ଜେ.କାମେଶ୍ୱର ରାଓ କହିଛନ୍ତି। ଏନେଇ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। କିନ୍ତୁ ସୁଫଳ ମିଳିନାହିଁ ବୋଲି ରାଓଙ୍କ ସମେତ ଇଂ. ମନୋଜ କୁମାର ଦଣ୍ଡପାଟ, ତାରିଣୀ ଚରଣ ସାମନ୍ତରାୟ (ଉପସଭାପତି), ଦୁର୍ଗା ପ୍ରସାଦ ପଟ୍ଟନାୟକ (କବାଡି ସେକ୍ରେଟାରୀ), ଡି.ଆପ୍ପା ରାଓ, ଜେବି.ପିଞ୍ଚେର, କବିରାଜ ଗୌଡ, ହେମନ୍ତ କୁମାର ସାହୁ, କେଦାର ନାଥ ଚୌଧୁରୀ ପ୍ରମୁଖ ସଦସ୍ୟ କହିଛନ୍ତି।

## ଲୁଟ୍ ୫ କିଲୋ ରୁପା ଅଳଙ୍କାର ଜବତ



ଆର,ଉଦୟଗିରି, ୧୭।୭ (ମନୋଜ କୁମାର ପାଢୀ):

ଆର.ଉଦୟଗିରି ଥାନା ଗଡ଼ର ଛକ ନିକଟରେ ଜଣେ ବ୍ୟବସାୟଠାରୁ ୫ କିଲୋ ରୁପା ଅଳଙ୍କାର ଲୁଟୁ ଘଟଣାରେ ପୋଲିସି ବୁଧ୨ବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ ଅଳଙ୍କାର ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲ୍ଲା କୋଟିବାଡ ଥାନା ଅଞ୍ଚଳର ଆଉଲ ରବି ଓ ଯାଜପୁର ଜିଲାର ଅଜିତ। ଗତ ୧୦ ତାରିଖରେ ଚନ୍ଦ୍ରଗିରି ଗ୍ରାମର ବ୍ୟବସା ସନ୍ତୋଷ ମହାପାତ୍ର ଛେଲାଗଡ ଗ୍ରାମ ଅଭିମୁଖେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଛୁରି ଦେଖାଇ ଗଡର ଛକ ନିକଟଠାରେ ୫ କିଲୋ ରୁପା ଅଳଙ୍କାର, ମୋବାଇଲ ଓ ବାଇକ ଲୁଟି କରି ନେଇଥିଲେ। ଏ ନେଇ ଆର. ଉଦୟଗିରି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣା ତଦନ୍ତ କରି ଚୋରି ଅଳଙ୍କାର ଜବତ କରି ବ୍ୟବସାୟଙ୍କୁ ହତାନ୍ତର କରିଛି। ଏହି ଲୁଟ ଘଟଣାରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଗଜପତି ଏସପି ସ୍ୱାତୀ ଏସ କୁମାର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଉପସ୍ଥିତ ଥିଲେ।

## ଋଷିକୁଲ୍ୟା ମୁହାଣରେ ଚାରାରୋପଣ

ଗଞ୍ଜାମ,୧୭।୭(ବିଦ୍ୟାଧର ସାହୁ): ଜଳବାୟୁ ପରିବର୍ତ୍ତନ ପରିସ୍ଥିତିକୁ ନେଇ ଋଷିକୂଲ୍ୟା ତଟରେ ପରିବେଶ ସନ୍ତୁଳିତ ଭିତ୍ତିକ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗଞ୍ଜାମ କଲେଜ ଜାତୀୟ ସେବା ସଂସ୍ଥା, ଇକୋ କ୍ଲବ ସଂସ୍ଥା, ଗ୍ରାସୀମ କମ୍ପାନୀ, ପ୍ରଗତି ଉତ୍କଳ ସମାଜ, ପାଳିବନ୍ଧ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ବରପଲ୍ଲୀ, ପାଳିବନ୍ଧ, ପୁରୁଣାବନ୍ଧ ଗ୍ରାମର ସ୍ୱେଚ୍ଛାସେବୀମାନଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଟ ଆଇନଜୀବୀ ଡ଼. ସୁଧାଂଶୁ ପତି, ପାଳିବନ୍ଧ ସରପଞ୍ଚ ସଂଯୁକ୍ତା ପ୍ରଧାନ, ଗଞ୍ଜାମ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ, ରମ୍ଭା ଫରେଷ୍ଟର ରତ୍ନ କୁମାର ବେହେରା, ଗଦାଧର ସାହୁ, ବଳରାମ ସାହୁ, ବିନୋଦ ଗୌଡ଼, ଦେବାଶିଷ ପଲାଇ, ସମାଜିକ କର୍ମୀ ବିଦ୍ୟାଧର ପ୍ରଧାନ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଯୁବ ସ୍ୱେଚ୍ଛାସେବୀ ଯୋଗଦେଇ ୨୫ଟି ବରଗଛ, ଓସ୍ତଗଛ ଓ ନିମଗଛ ରୋପଣ କରିଥିଲେ।

## ମା' ପାଇଁ ଗଛଟିଏ, ଚାରାରୋପଣ ସଚେତନତା


ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି ଅତିଥି।

ତୁମୁଡିବନ୍ଧ,୧୭।୭(ଦୀପକ କୁମାର ପରା ସେଠ) କନ୍ଧମାଳ ଜିଲାରେ ଜଙ୍ଗଲ କ୍ଷୟ ହୋଇ ପରିବେଶ ନଷ୍ଟ ହେବା ସହିତ ଜଳବାୟୁ ଉପରେ ପ୍ରତ୍ୟକ୍ଷ ଭାବେ ପ୍ରଭାବ ପକାଇଥାଏ। ଯାହାକି ମାନବ ଜାତିର ଜୀବନ ଧାରଣ ଉପରେ ପୂରା ପ୍ରଭାବ ପକାଏ। ଏହାକୁ ରୋକିବା ପାଇଁ ତୁମୁଡିବନ୍ଧ ବନାଞ୍ଚଳ କାର୍ଯ୍ୟାଳୟରେ ହାଇ ହୋପ କୁର୍ତ୍ତୁମ ଗଡ଼ ଓ ତୁମୁଡିବନ୍ଧ ଓସିଆଇ ନାମକ ଦୁଇଟି ସଂସ୍ଥା ଏବଂ ତୁମୁଡିବନ୍ଧ ବନବିଭାଗ ପକ୍ଷରୁ ଏକ ଅଭିନବ ପଦକ୍ଷେପ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ମା'ଙ୍କ ପାଇଁ ଗୋଟିଏ ଚାରା ଏକ ସଚେତନ ରଥକୁ ବୁଧବାର ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତି ମାଝି, ତୁମୁଡିବନ୍ଧ ବଡିଓ ବନ ବିହାରୀ ହର ପାଲ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବନପାଳ ମନ୍ମଥ ପରିଛା, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ବାଦଲ କୁମାର ପ୍ରଧାନ, ହାଇ ହୋପ ସୋସାଇଟିର ଲିଙ୍ଗରାଜ ପ୍ରଧାନ, ପ୍ରଶିକ୍ଷକ ଉଲ୍ଲାସ ମୁଦୁଲି ଓ ତୁମୁଡିବନ୍ଧ ବନାଞ୍ଚଳର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପ୍ରଥମ କରି ତୁମୁଡିବନ୍ଧ ବ୍ଲକର କୁର୍ତ୍ତୁମଗଡ଼, କରୁକୁତୁପା ଓ ସିଲା କୋଟଗଡ଼ ବ୍ଲକର ପାରିଗଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମ, ସ୍କୁଲ ଓ ଅଙ୍ଗନୱାଡ଼ି ଗୁଡିକରେ ସଚେତନ କରିବା ସହିତ ଚାରା ରୋପଣ କରି ପରିବେଶ ସୃଷ୍ଟି ଓ ସୁରକ୍ଷା କରିବା। ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଚାଲୁ ରହିବ ବୋଲି ଲିଙ୍ଗରାଜ ପ୍ରଧାନ କହିଛନ୍ତି।

## ଶିଶୁ ଶ୍ରମିକ ଉଦ୍ଧାର

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା)୧୭।୭

ପାରଳାଖେମୁଣ୍ଡି ରଥଯାତ୍ରା ବେଳେ ଶ୍ରମିକ ଭାବେ କାମ କରୁଥିବା ଜଣେ ଶିଶୁକୁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ରଥଯାତ୍ରା ପାଇଁ ଆସିଥିବା ବୋଟ୍‌ରେ ବ୍ୟବସାୟୀ ଜଣକ ଏକ ୧୨ବର୍ଷର ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜିତ କରିଥିଲେ। ଶିଶୁଟି ବହୁତ ସମୟ ପାଣିରେ ରହି ପିଲାମାନଙ୍କୁ ଖେଳିବାରେ ସହଯୋଗ କରୁଥିଲେ। ଯାହା ବଦଳରେ ବ୍ୟବସାୟୀ ଜଣକ କିଛି ପାରିଶ୍ରମିକ ଦେଉଥିଲେ, ଜିଲା ପ୍ରଶାସନ ପିଲାଟିକୁ କାମ କରୁଥିବା ଜାଣିପାରି ଉଦ୍ଧାର କରି ଶିଶୁ ମଙ୍ଗଳ କେନ୍ଦ୍ରରେ ଉପସ୍ଥାପନ କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ପିଲାଟିର ବାପା ମରିଯାଇଥିବା ବେଳେ ପିଲାଟି ଖୋର୍ଦ୍ଧା ଜିଲାର। ଉଦ୍ଧାର ଶିଶୁଟିକୁ ବର୍ତ୍ତମାନ ପାଇଁ ଉତ୍କଳ ବାଳାଶ୍ରମରେ ଥଇଥାନ କରିବା ସହ ଶିଶୁଟି କିପରି ନିଜ ଘରକୁ ଯିବ ଓ କିପରି ନିଜ ଅଧିକାର ପାଇବ ସେଥିପାଇଁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏହି ଉଦ୍ଧାର କାର୍ଯ୍ୟ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ହୋଇଥିବା ବେଳେ ଚାଇଲ୍ଡ ଲାଇନର ସଂଯୋଜିକା ବୈଶାଳୀ ପଟ୍ଟନାୟକ ଓ କର୍ମଚାରୀ ସଙ୍ଗୀତା ଜେନା ଓ ରବି ରାଉତ ପ୍ରମୁଖ ସହଯୋଗ କରିଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 15-SBP-TRD-OT-2024-25, ତା.11.07.2024ରିଖ

**କାର୍ଯ୍ୟର ନାମ :** କୋଚିଙ୍ଗ ଡିପୋ ସମ୍ବଲପୁର ଠାରେ ଅଟୋମେଟିକ୍ କୋଚ୍ ୱାସିଙ୍ଗ ପ୍ଲାଣ୍ଟର ସ୍ଥାପନ କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 38,45,191.24, EMD : ₹76,900/-, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.08.2024ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-317/P/24-25

## ରାଜ୍ୟ ବିହନ ନିଗମ ନୋଡାଲ ଅଧିକାରୀଙ୍କ ସମୀକ୍ଷା

ଛତ୍ରପୁର, ୧୭।୭ (ଦିଲୀପ ସାମଲ): ଓଡିଶା ରାଜ୍ୟ ବିହନ ନିଗମର ଗଞ୍ଜାମ ଜିଲା ନୋଡାଲ ଅଧିକାରୀ ଭବେଶ କୁମାର ନାୟକ ଗଞ୍ଜାମ ଓ ଛତ୍ରପୁର ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଗଞ୍ଜାମ ବ୍ଲକର କଣ୍ଟିଆଗଡ଼ ଗ୍ରାମରେ ଚାଲିଥିବା ଫାର୍ମ ପଣ୍ଡ ଓ ରାମଗଡ଼ ପଞ୍ଚାୟତରେ ଚାଲିଥିବା ଅର୍ଗାନିକ ଚାଷକୁ ବୁଲି ଦେଖିଥିଲେ। ପରେ ଛତ୍ରପୁର ବ୍ଲକର ଘଡ଼ଘଡ଼ାପଲ୍ଲୀରେ ଚାଲିଥିବା ଛତୁ ଚାଷ ବୁଲି ଦେଖିଥିଲେ। ସେମାନଙ୍କ କାର୍ଯ୍ୟ ପ୍ରଣାଳୀ ଓ ବିଭାଗ ପକ୍ଷରୁ କ'ଣ ସବୁ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ସେ ସମ୍ପର୍କରେ ନୋଡାଲ ଅଧିକାରୀ ନାୟକ ସେମାନଙ୍କୁ ପଚାରି ବୁଝିଥିଲେ। ନୋଡାଲ ଅଧିକାରୀଙ୍କ ଏହି ସମୀକ୍ଷା ବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ପଣ୍ଡା, ଗଞ୍ଜାମ ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ତଥା ବ୍ରହ୍ମପୁର ମୃତ୍ତିକା ସଂରକ୍ଷଣର ଆସିଷ୍ଟାଣ୍ଟ ଡାଇରେକ୍ଟର ରଶ୍ମିତା ମହାପାତ୍ର, ଆତ୍ମାର ଡେପୁଟି ପ୍ରୋଜେକ୍ଟ ଡ଼ାଇରେକ୍ଟର ଅଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଗଜପତି ଜିଲା ମୋହନାରେ ଦୁଇ ଦିନ ଧରି ବର୍ଷା ଯୋଗୁ କାଳୀଆପଟା ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ନିକଟରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। (ଫଟୋ– ମନ୍ମଥ ମିଶ୍ର)

**OFFICE OF THE PRINCIPAL**
**MAHAMAYEE MAHILA MAHAVIDYALAYA**
GANDHI NAGAR, BERHAMPUR (Gm), Odisha
e-mail:mmmahavidyalaya@gmail.com, Ph.No.0680-2225335

No.711/MMM/24 Dt.16.07.24

**TENDER CALL NOTICE**
**FOR PROCUREMENT OF BOOKS**

Mahamayee Mahila Mahavidyalaya, Berhampur invites tender from licensed and reputed book dealers for supply of books for various departments for an estimated amount of Rs.10,00,000/- (Rupees Ten Lakhs only) at a discounted price. The dealers have to send the books to the college physically or through transport at their own cost. Quotations in sealed envelope citing the percentage of discount are to be submitted to the office of the undersigned either by hand or through post within One Month. The List of recommended books can be downloaded from the college website "mmmv.in". Any tender received after the due date and time shall not be entertained.

The undersigned reserves the right to cancel the tender fully or partially at any time without assigning any reason thereof.

Sd./- Principal
Mahamayee Mahila Mahavidyalaya
Gandhi Nagar, Berhampur

**SMALESWARI REGIONAL CO-OP, MILK PRODUCERS' UNION LTD.**
GOSHALA (BOUDIAPARA), PO : KALAMATI,
SAMBALPUR - 768025
Phone : (0663) 2999015. Mob. No. - 9437122477

**TENDER NOTICE**

No. CAD-578 : Sealed Techno commercial offers in sealed envelope from Manufacturers / Supplier for supply of 50 Nos. Chaff Cutter (Electric).

The sealed offers along with EMD shall be received at above address upto 5.00 P.M. on 31.07.2024 and shall be opened at the above address on 01.08.2024 at 11.00 A.M. For details please visit our website www.samul.in.

Interested Parties may purchase and submit Tenders by 31.07.2024 up to 5.00 P.M.

Tender Paper cost - Rs. 1000/- + 18% GST = Rs. 1180/-

EMD : Rs. 25,000.00

OIPR-15013/11/0011/2425 General Manager

## ସମିତି ବୈଠକ ବର୍ଜନ, ଉନ୍ନୟନ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ

ଜି.ଉଦୟଗିରି,୧୭।୭(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକରେ ମଙ୍ଗଳବାର ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନଙ୍କ ଅଧକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନବ ନିର୍ବାଚିତ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ପ୍ରଥମ ଥର ପାଇଁ ଯୋଗ ଦେଇଥିଲେ। ସମସ୍ତଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସରିଲା ପରେ ଆଲୋଚନା ଆରମ୍ଭ ହେଲା। ତେବେ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେଉ ହେଉ ସରପଞ୍ଚମାନେ ଯୁକ୍ତି କରିବା ଆରମ୍ଭ କରିଥିଲେ। ନିର୍ବାଚିତ ସରପଞ୍ଚମାନଙ୍କର କହିବା ମୁତାବକ ଲୋକଙ୍କ ନିହାତି ମୌଳିକ ଆବଶ୍ୟକ କାର୍ଯ୍ୟ କରାଯାଉ ନାହି। ତେବେ ଦୀର୍ଘ ୨ ବର୍ଷ ଛଅ ମାସ ହେବ ନିର୍ବାଚିତ ସରପଞ୍ଚମାନଙ୍କର କାର୍ଯ୍ୟକାଳ ସରିଆସୁଥିଲେ ସୁଦ୍ଧା ଆଖିଦୃଶିଆ ଉନ୍ନତିମୂଳକ କାମ ପଞ୍ଚାୟତଗୁଡ଼ିକରେ ହୋଇନାହିଁ। ତେବେ କିଛି ସମୟ ଆଲୋଚନା ପରେ ସମସ୍ତ ସରପଞ୍ଚମାନେ ନିଜ ନିଜର ଆସନ ଛାଡ଼ି ବୈଠକ ବର୍ଜନ କରି ବାହାରକୁ ଆସିଲେ ପରେ ପରେ ବିଡିଓ ମନୋଜ କୁମାର ଦେବତା ବାହାରକୁ ଆସି ସମସ୍ତଙ୍କ ସହ ଆଲୋଚନା କରିଥିଲେ। ସେପଟେ ନବ ନିର୍ବାଚିତ ବିଧାୟକ ବାହାରକୁ ଆସି ବିଡିଓଙ୍କ ସହ ଆଲୋଚନା କରୀଆଉ ଥରେ ବୈଠକ କରାଯିବାକୁ ନିଷ୍ପତ୍ତି ନେଇଥିଲେ। ବିଡିଓ ମନୋଜ କୁମାର ଦେବତାଙ୍କ ସହିତ ବୈଠକରେ ଭାଜପା ଏମ୍‌ପି ପ୍ରତିନିଧି ଅଜୟନ୍ତି ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରତିକାନ୍ତ ସାହୁ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ଉପାଧକ୍ଷ ଏନ୍ ଲୁକଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟା, ସଭ୍ୟ ଉପସ୍ଥିତ ଥିଲେ।


ବୈଠକ ପରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜ. ନେ. ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର ପାଇଁ **ସର୍ବନିମ୍ନ ୧୫ କେଏଲ୍‌ଡି (୨ ନମ୍ବର) କ୍ଷମତା ବିଶିଷ୍ଟ ଏଫ୍‌ଆର୍‌ପିକୁ ନେଇ ଗଠିତ ପ୍ୟାକେଜ୍ ଟାଇପ୍ ଅଣ୍ଡରଗ୍ରାଉଣ୍ଡ ସୁୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ୍ (ଏସ୍‌ଟିପି)ର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି। ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **www.rbi.org.in** ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲରେ ଆବେଦନର ଶେଷ ତାରିଖ **ଅଗଷ୍ଟ ୧୪, ୨୦୨୪ ପୂର୍ବାହ୍ନ ୧୧ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ଘୁମୁସର ବନଖଣ୍ଡରେ ୧.୩୧ ଲକ୍ଷ ତାଳଗଛ ଲାଗିବ

ଭଞ୍ଜନଗର,୧୭ ।୭(ବାବୁଲା ପ୍ରଧାନ): ଜଳବାୟୁ ପରିବର୍ତ୍ତନ ସମେତ ବିଭିନ୍ନ କାରଣ ଯୋଗୁ ବଜ୍ରପାତ ବଢୁଛି । ଏହାଦ୍ୱାରା ଅନେକ ଧନ ଜୀବନ କ୍ଷତି ହେଉଛି। ବଜ୍ରପାତକୁ ମୁକାବିଲା କରିବା ପାଇଁ ତାଳଗଛ ହିଁ ଏକମାତ୍ର ଭରସା ହେବାକୁ ଯାଉଛି। ତାଳ ଗଛ ଲାଗିଲେ ବଜ୍ରପାତ ଏତେଟା ହେବନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଉଛି । ଏଥିସହ ତାଳ ହାତୀର ପ୍ରିୟ ଖାଦ୍ୟ । ଅନେକ ସମୟରେ ହାତୀ ଖାଦ୍ୟ ଅନେଷ୍ୱଣରେ ଜଙ୍ଗଲରୁ ବାହାରି ଜଙ୍ଗଲ ନିକଟ୍ତ ଗ୍ରାମଗୁଡ଼ିକରେ ଫସଲ କ୍ଷତିକରୁଛି। ତାଳ ଫଳିବା ସମୟରେ ହାତୀମାନେ ମଧ୍ୟ ଜଙ୍ଗଲରୁ ଆଉ ବାହାରକୁ ଆସିବେ ନାହିଁ ବୋଲି ଆଶା କରାଯାଉଛି। ତେଣୁ ଜଙ୍ଗଲ ବିଭାଗ ପକ୍ଷରୁ ଚଳିତ ବର୍ଷ ତାଳ ଗଛ ଲଗାଇବା ଉପରେ ଜୋର ଦିଆଯାଇଛି। ସମସ୍ତ ତାଳ ମଞ୍ଜି ଜଙ୍ଗଲ ବିଭାଗର ସୀମାରେ ପୋତାଯିବ । ଗଛଗୁଡ଼ିକ ବଡ଼

**ବଜ୍ରପାତରୁ ରକ୍ଷା ପାଇଁ ଏକମାତ୍ର ଭରସା**



ଘୁମୁସର ଦକ୍ଷିଣ ବନଖଣ୍ଡରେ ମଞ୍ଜି ପୋତିବା ପ୍ରସ୍ତୁତି ଚାଲିଛି।

ହେଲେ ବିଭାଗ ଏବଂ ଲୋକେ ଜାଣିପାରିବେ କେଉଁ ଜମି ଜଙ୍ଗଲ ବିଭାଗର ଏବଂ କେଉଁ ଜମି ଲୋକଙ୍କର। ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡରେ ୬୭ ହଜାର ତାଳ ମଞ୍ଜି ପୋତିବା ପାଇଁ ଲକ୍ଷ୍ୟ ରଖାଯାଇଛି । ତେଣୁ ଡ଼ିଏଫଓ ବିନୋଦ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ମଞ୍ଜି ପୋତା କାର୍ଯ୍ୟ ବୁଗୁଡ଼ା, ସୋରାଡ଼, ଆସିକା, ବଡ଼ଗଡ଼ ଓ ପୋଲସରା ରେଞ୍ଜରେ ଚାଲିଛି। ଏହି ବନଖଣ୍ଡରେ ୬୭ ହଜାର ମଞ୍ଜି ବଦଳରେ ଅଧିକ ୮ ହଜାର ମଞ୍ଜି ପୋତାଯିବ। ସେଥିମଧ୍ୟରୁ କିଛି ମଞ୍ଜି ମରିଯିବ କିମ୍ବା ନଷ୍ଟ ହୋଇଯିବା ସମ୍ଭାବନା ରହିଛି । ତେଣୁ ଅଧିକ ମଞ୍ଜି ପୋତିଲେ ହିଁ ଲକ୍ଷ୍ୟ ପୂରଣ ହୋଇପାରିବ। ସେହିଭଳି ଉତ୍ତର ଘୁମୁସର ବନଖଣ୍ଡରେ ୬୪ ହଜାର ମଞ୍ଜି ପୋତାଯାଉଛି। ଏହି ବନଖଣ୍ଡର ମଞ୍ଜି ପୋତା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିନାହିଁ। ବିଭିନ୍ନ ରେଞ୍ଜ କର୍ମଚାରୀ ବର୍ତ୍ତମାନ ମଞ୍ଜି ସଂଗ୍ରହରେ ବ୍ୟସ୍ତ ଅଛନ୍ତି। ୫ଟି ରେଞ୍ଜ ମଧ୍ୟରୁ ୨ଟି ରେଞ୍ଜରେ ମଞ୍ଜି ପୋତିବା କାର୍ଯ୍ୟ ଆରମ୍ଭ ହୋଇଛି। ଆଉ ୩ଟି ରେଞ୍ଜରେ ମଞ୍ଜି ସଂଗ୍ରହ ମନ୍ଥର ଗତିରେ ଚାଲିଛି । ତଥାପି ଲକ୍ଷ୍ୟ ଅନୁସାରେ ମଞ୍ଜି ପୋତିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଡ଼ିଏଫଓ ହିମାଂଶୁ ଶେଖର ମହାନ୍ତି ଉକ୍ତ କାର୍ଯ୍ୟକୁ ତଦାରଖ କରୁଛନ୍ତି। ମଞ୍ଜି ପୋତିବା ପରେ ତାହାକୁ ବାରହା ଯେପରି ନଷ୍ଟ ନ କରେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଡ଼ିଏଫଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ବନଖଣ୍ଡରେ ପ୍ରାୟ ୧୯ଲକ୍ଷ ତାଳ ମଞ୍ଜି ପୋତିବା ଲକ୍ଷ୍ୟ ରଖାଯାଇଛି। ଏନେଇ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ କହିଛନ୍ତି ଯେ ଦୁଇବର୍ଷ ପୂର୍ବେ ଭଞ୍ଜନଗର ସହର ଭେଜିପୁଟ ଶ୍ମଶାନ ଘାଟର ବିକାଶ ପାଇଁ ସେଠାରେ ଥିବା ଅନେକ ତାଳ ଗଛକୁ ହାଣି ଦିଆଯାଇଥିଲା । ଏନେଇ ସେ ଚିନ୍ତା ପ୍ରକଟ କରିବା ସହ ତାଳ ଗଛର ଉପକାରିତା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ତାଳ ଗଛ ଲଗାଇବା ପାଇଁ କବିତା ମାଧ୍ୟମରେ ପ୍ରଚାର କରିଥିଲି। ଜଣେ ବିଧାୟକଙ୍କ ମାଧ୍ୟମରେ ତାଳ ଗଛର ଉପକାରିତା ଉପରେ ସରକାରଙ୍କୁ ଅବଗତ କରାଇଥିଲି। ବର୍ତ୍ତମାନ ସରକାର ତାଳ ଗଛ ଅଧିକ ଲଗାଇବା ପାଇଁ ନେଇଥିବା ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

## ନିର୍ମାଣ ହେବ ୯ ସୋସାଇଟି ବିଲ୍ଡିଂ

ଛତ୍ରପୁର,୧୭।୭(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାରେ ବହୁ ପ୍ରାଥମିକ ସେବା ସମବାୟ ସମିତି (ସୋସାଇଟି) ର ନିଜସ୍ୱ କୋଠା ନାହିଁ । ଜିଲାର ୯ ସୋସାଇଟିର ବିଲଡିଂ ନିର୍ମାଣ ହେବ। ଏଥିଲାଗି ପ୍ରଥମ ପର୍ଯ୍ୟାୟ ଅନୁଦାନ ମଞ୍ଜୁର ହୋଇଛି। ଏହି ଅନୁଦାନ ଜିଲାପାଳଙ୍କ ନିକଟକୁ ପ୍ରଦାନ କରାଯାଇଛି। ଏସଓପି ଅନୁଦାନରେ ଏଗୁଡିକ ନିର୍ମାଣ ହେବ। ବିଲଡିଂ ନିର୍ମାଣ କାର୍ଯ୍ୟକୁ ଆଧାର କରି ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ ମଞ୍ଜୁର କରାଯିବ ବୋଲି କୁହାଯାଇଛି। ସୂଚନା ଅନୁସାରେ ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଆଲିପୁର ସୋସାଇଟିର ନୂତନ ବିଲଡିଂ ନିର୍ମାଣ ହେବାକୁ ଥିବାବେଳେ ସୋରଡା ବ୍ଲକର ରାଇବନ୍ଧ, ବୁଗୁଡା ବ୍ଲକର ବାଲିପଦର, ଧରାକୋଟ ବ୍ଲକର ବଳରାମପୁର, ସୋରଡା ବ୍ଲକର ସିଦ୍ଧପୁର, ଶେରଗଡ ବ୍ଲକର କେ.କରଡାକଣା, ଧନନ୍ତର, ଟକରଡା, ଖଲିକୋଟ ବ୍ଲକର ବାଗଲପୁର ସୋସାଇଟି ବିଲଡିଂ ନିର୍ମାଣ ହେବ।

## ସଂକ୍ଷେପରେ

### ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ପାରଳାଖେମୁଣ୍ଡି, ୧୭।୭ (ଗିରିଧାରୀ ପରିଛା): ଗଜପତି ଜିଲାର ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପାରଳାଖେମୁଣ୍ଡିସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରକୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜି ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ସମ୍ମାନିତ ଅତିଥି ଭାବେ ଡ଼ଃ ଗୁଣନିଧି ନାୟକ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଓ ଡାକ୍ତର ଏଲ.କେ.ବିଜୟ କୁମାର, ଜେମସ ହସ୍ପିଟାଲ ରାଗୋଲୁ ଶ୍ରୀକାକୁଲମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଜିଲା ପ୍ରଶାସନ ଓ ଜେମସ ହସ୍ପିଟାଲ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟ ଶିବିରରେ ଜିଲାର ମୋଟ ୩୦୦ରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ପରେ ସମସ୍ତ କର୍ମଚାରୀମାନଙ୍କୁ ନେଇ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ବିଷୟରେ ଡାକ୍ତର ବିଜୟ କୁମାର ସଚେତନତା କରାଇଥିଲେ। ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବକୁ ହେଲେ ପ୍ରତିଦିନ ଏକ ଘଣ୍ଟା ବ୍ୟାୟାମ କରିବା ପାଇଁ ସମସ୍ତଙ୍କୁ ଅବଗତ କରାଇଥିଲେ।

### ତାରସିଂ ରେଞ୍ଜ କାର୍ଯ୍ୟାଳୟରୁ ଚନ୍ଦନ ଗଛ ଚୋରି

ଭଞ୍ଜନଗର,୧୭।୭ (ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ କାର୍ଯ୍ୟାଳୟ ପରିସରରୁ ମଙ୍ଗଳବାର ରାତିରେ ମୂଲ୍ୟବାନ ଚନ୍ଦନ ଗଛ ଚୋରି ହୋଇଯାଇଛି । ସେହିପରି ରେଞ୍ଜ କାର୍ଯ୍ୟାଳୟ ଏବଂ ତାରସିଂ ଥାନା ବାଉଣ୍ଡରି ମଝିରେ ଥିବା ଆଉ ଏକ ଚନ୍ଦନ ଗଛ ଚୋରି ହୋଇଛି। ସେହିପରି ତାରସିଂର ଜଣଙ୍କ ଅଗଣାରେ ଥିବା ଦୁଇଟି ଚନ୍ଦନ ଗଛ ଚୋରି ହୋଇଯାଇଛି। ଗୋଟିଏ ରାତିରେ ୪ଟି ଚନ୍ଦନ ଗଛ ଚୋରି ହୋଇଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି ଯେ ଏନେଇ ମାମଲା ରୁଜୁ ହୋଇଛି। ଖୁବଶୀଘ୍ର ଅଭିଯୁକ୍ତ ଗିରଫ ହୋଇଯିବେ।

### ୩ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ

ଖଲ୍ଲିକୋଟ,୧୭।୭(ପ୍ରଶାନ୍ତ କୁମାର ମିଶ୍ର) ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର ନିକଟରେ ରଥ ଉପରେ ତିନି ଠାକୁର ଥିବା ବେଳେ ଖଲ୍ଲିକୋଟ ବ୍ଲକ ଓ ଆଖପାଖ ଅଞ୍ଚଳର ଲୋକେ ଏକାଦଶୀ ବ୍ରତ ପାଳନ କରିବା ପାଇଁ ଆସିଥିଲେ। ଫଳରେ ଜଗନ୍ନାଥ ମନ୍ଦିର ଆଗରେ ପ୍ରବଳ ଗହଳି ରହିଥିଲା। ଯାହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ୩ ଜଣ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟିନେଇଛନ୍ତି। ବଡ଼ ଏକାଦଶୀରେ ରଥରେ ତିନି ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ଶ୍ରୀକୃଷ୍ଣ ଶରଣପୁର ଗ୍ରାମର ସୁଷମା ମହାପାତ୍ର, ବିଷ୍ଣୁପ୍ରିୟା ମହାପାତ୍ର ସକାଳ ସମୟରେ ଖଲ୍ଲିକୋଟ ରଥାରୂଢ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରୁଥିଲେ। ଏହି ସମୟରେ ସୁଷମାଙ୍କ ବେକରେ ପିନ୍ଧିଥିବା ଦୁଇ ତୋଳା ଏବଂ ବିଷ୍ଣୁ ପ୍ରିୟା ପିନ୍ଧିଥିବା ତିନି ତୋଳା ଓଜନର ସୁନା ଚେନ ସହ ଅନ୍ୟ ଜଣେ ଅଙ୍ଗରୁଗାଆଁର ମହିଳାଙ୍କ ସୁନା ହାର ଓ ସୁନା ମାଳି ଚୋରି କରି ନେଇଛନ୍ତି ଚୋର। ଅଭିଯୋଗ ପରେ ଖଲ୍ଲିକୋଟ ପୋଲିସ ପହଞ୍ଚି ଆଖପାଖରେ ଥିବା ସିସିଟିଭି ଫୁଟେଜ ଦେଖି ତଦନ୍ତ ଚଳାଇଛି।

### 'ପାହାଡି କନିଆଁ ସହରୀ ବର' ନାଟକ ମଞ୍ଚସ୍ଥ

ପୋଲସରା, ୧୭।୭ (ସୁବ୍ରତ ବେହେରା): ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଦଧିବାମନ ସାମୀ ବାହୁଡା଼ ଯାତ୍ରା ଉପଲକ୍ଷେ ଦଧିବାମନ ସ୍ୱାମୀ ଟ୍ରଷ୍ଟ, ମୁକ୍ତି ମଶାଲ ଯୁବ ପରିଷଦ, କଳା ବିନୋଦ କେନ୍ଦ୍ରର କଳାକାରମାନଙ୍କ ପକ୍ଷରୁ ସାମାଜିକ ନାଟକ 'ପାହାଡି କନିଆ ସହରୀ ବର' ସାମାଜିକ ନାଟକ ମଞ୍ଚସ୍ଥ ହୋଇଛି। ନାଟ୍ୟକାର ପ୍ରଶାନ୍ତ ନନ୍ଦ, ନିର୍ଦ୍ଦେଶକ ଗୋପାଳ କୃଷ୍ଣ ସାହୁଙ୍କ ଏହି ନାଟକକୁ ମନ୍ତ୍ରୀ ଉଦଘାଟନ କରିଥିଲେ। ସଭା ପରିଚାଳନା କରିଥିଲେ ଖବରଦାତା ସୁବ୍ରତ ବେହେରା। ସମ୍ମାନିତ ଅତିଥି ଭାବେ ଘୁମୁସର ସାଂଗଠାନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଘୁମୁସର ଜିଲା ଯୁବ ମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ବଳରାମ ପ୍ରଧାନ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଲେଙ୍କା, କାଉନସିଲର ଯଜ୍ଞ ନାରାୟଣ ସାହୁ, ନାରାୟଣ ସାହୁ, ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଡାକୁଆ, ରଘୁନାଥ ପଣ୍ଡା, ମହେଶ୍ୱର ପରିଡ଼ା, ଦୀପକ ପୋଲେଇ, ପଞ୍ଚୁ ଦାସ, ବୁଲୁ ପ୍ରଧାନ, ଗାନ୍ଧି ସାହୁ, ନୀଳାଚଳ ପଣ୍ଡା, ଜିତୁ ବିଷୋୟୀ, ରାଜୀବ ଜେନା, ତପନ ସାହାଣୀ, ସୀମାଞ୍ଚଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଉଳ ବଣ୍ଟନରେ ଅନିୟମିତତା ନେଇ ହୋହଲ୍ଲା

ଚିକିଟି,୧୭।୭(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ସୁରଳ ପଞ୍ଚାୟତରେ ଚାଉଳ ବଣ୍ଟନ ବେଳେ ଓଜନ କମ୍ ଥିବା ନେଇ ବୁଧବାର ହିତାଧିକାରୀମାନେ ହୋହଲ୍ଲ କରିଥିଲେ। ଫଳରେ କିଛି ସମୟ ଯାଏ ଚାଉଳ ବଣ୍ଟନ ବନ୍ଦ ରହିଥିଲା। ଏ ନେଇ ଚିକିଟି ବିଡିଓ ଲକ୍ଷ୍ମଣ ସୁରେନଙ୍କ ନିକଟକୁ ଭିଡିଓ ମାଧ୍ୟମରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସୁରଳ ମଣ୍ଡଳର ସଭାପତି ବାବାଜି ଓଡ଼ିଆ ଅଭିଯୋଗ କରିଛନ୍ତି। ଏଭଳି ସୁରଳ ପଞ୍ଚାୟତରେ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରତି ହିତାଧିକାରୀଙ୍କୁ ୨ କିଲୋ କମ୍ କରି ଚାଉଳ ଦେଉଛନ୍ତି ବୋଲି କହିଛନ୍ତି। ଯଦି ଆଗାମୀ ଦିନରେ ହିତାଧିକାରୀଙ୍କୁ ଠିକ୍ ଭାବେ ଚାଉଳ ନ ଦିଆଯାଏ ତା'ହେଲେ ଆନ୍ଦୋଳନ କରାଯିବ ବୋଲି ସାମାଜିକ କର୍ମୀ ରଞ୍ଜନ ବେହେରା ଏବଂ ସୁରୋଳ ମଣ୍ଡଳ ସଭାପତି କହିଛନ୍ତି। ଏ ସମ୍ପର୍କରେ ଚିକିଟି ବିଡିଓ ଲକ୍ଷ୍ମଣ ସୁରେନ୍ଙ୍କୁ ପଚାରିବାରୁ ଅଭିଯୋଗ ପାଇ ଯୋଗାଣ ଅଧିକାରୀଙ୍କୁ ତଦନ୍ତ ପାଇଁ କୁହାଯାଇଛି। ଗୁରୁବାର ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।


ହିତାଧିକାରୀଙ୍କ ହୋହଲ୍ଲା

## ଦିଗପହଣ୍ଡିରେ ସନ୍ଥ ଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ ପାଳିତ

ଦିଗପହଣ୍ଡି,୧୭।୭(ଅଶେଷ ନାଥ ମିଶ୍ର) ବଡ଼ଖେମୁଣ୍ଡି ରାଜପୁତ୍ର ସନ୍ଥ ଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ ବୁଧବାର ଦିଗପହଣ୍ଡି ସ୍ଥିତ ଘୋଡ଼ାହାଡ଼ ଡ୍ୟାମ ଛକରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। ପ୍ରତିମୂର୍ତ୍ତି ନିକଟରେ ଅଞ୍ଚଳର ବହୁ ସଂଖ୍ୟକ ସନ୍ଥ ଅରକ୍ଷିତଙ୍କ ଭକ୍ତ ଯୋଗ ଦେଇଥିଲେ। ଭଜନ ପ୍ରବଚନ ସହିତ ସନ୍ଥଙ୍କ ଜୀବନୀ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଦିଗପହଣ୍ଡିର ଖେମୁଣ୍ଡି ଗଡଜାତ ବିଜୟ ନଗର ଗଡ଼ଠାରେ ଗଙ୍ଗ ରାଜବଂଶରେ ସନ୍ଥ ଅରକ୍ଷିତ ଦାସ ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଜନ୍ମଗ୍ରହଣ କରିଥିଲେ। ଅବିଭକ୍ତ କଟକ ଜିଲାର ଓଳାଶୁଣୀ ପାହାଡ଼ରେ ସେ ଗାଦି ସ୍ଥାପନ କରି ସମଗ୍ର ବିଶ୍ୱର ମାନବଙ୍କୁ ସାମ୍ୟ ଦର୍ଶନର ବାର୍ତ୍ତା ପ୍ରଚାର କରିଥିଲେ। ଜନ୍ମୋତ୍ସବରେ ମିଳନ ପାଣିଗ୍ରାହୀ, ମୁନା ବିଷୋୟୀ, ନୀଳକଣ୍ଠ ପଟ୍ଟନାୟକ, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ଡ. ପ୍ରଫୁଲ୍ଲ ପ୍ରଧାନ, ତ୍ରିଲୋଚନ ସାହୁ, କାଳିଆ ଦୋରା, ରାମ ଦାସ ପ୍ରମୁଖ ଭକ୍ତମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସନ୍ଥ ଅରକ୍ଷିତଙ୍କ ମଙ୍ଗଳ ସ୍ନାନ, ବସ୍ତ୍ର ଲାଗି ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରଥଟଣା ବେଳେ ଠେଲାପେଲା, ଶ୍ରଦ୍ଧାଳୁ ଆହତ


ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।

ଦିଗପହଣ୍ଡି,୧୭।୭(ଅଶେଷ ନାଥ ମିଶ୍ର): ଦିଗପହଣ୍ଡିରେ ବୁଧବାର ଆଷାଢ଼ ଶୁକ୍ଳପକ୍ଷ ବଡ ଏକାଦଶୀ ତିଥିରେ ଶ୍ରୀ ଜୀଉଙ୍କ ବାହୁଡ଼ା ଯାତ୍ରା ରଥଟଣା ସମ୍ପନ୍ନ ହୋଇଛି। ପୁରୀ ବାହୁଡ଼ା ଯାତ୍ରାର ଦୁଇ ଦିନ ପରେ ବୁଧବାର ଅପରାହ୍ନରେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବଡରଥକୁ ଶ୍ରଦ୍ଧାଳୁମାନେ ଟାଣିବା ଆରମ୍ଭ କରିଥିଲେ। ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁ ଯାତ୍ରାରେ ସାମିଲ ହୋଇଥିବାରୁ ଭିଡ଼ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଥିଲା। ଅଧା ବାଟରେ ରଥ ଅଟକି ପାରମ୍ପରିକ ଲକ୍ଷ୍ମୀ ନାରାୟଣ ଭେଟନୀତି ଅନୁଷ୍ଠିତ ହୋଇଥିଲା। ପରେ ପୁଣି ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସିଂହଦ୍ୱାର ନିକଟରେ ରଥ ପହଞ୍ଚିବା ପାଇଁ ଆଉ ମାତ୍ର କିଛି ବାଟ ରହିଥିବା ବେଳେ ରଥ ଟାଣୁଥିବା ଶ୍ରଦ୍ଧାଳୁଙ୍କ ଠେଲାପେଲା ଭିତରେ ତଳେ ପଡିଯାଇ ବହୁ ସଂଖ୍ୟକ ଭକ୍ତ ଆହତ ହୋଇଥିଲେ। ତଳେ ପଡ଼ିଯାଇଥିବା ଜଣେ ମହିଳାଙ୍କୁ ଭିଡ ଭିତରୁ ଉଦ୍ଧାର କରିବାକୁ ଯାଇ ୪ ଜଣ ଯୁବକ ଆହତ ହୋଇଥିବା ବେଳେ ଜଣେ ଯୁବକଙ୍କ ଜଙ୍ଘକୁ ରଥଚକା ଲାଖି ଯିବାରୁ ରଥ ଅଟକି ଯାଇଥିଲା। ଅନିୟନ୍ତ୍ରିତ ଭିଡ ଭିତରେ ଖୋଦ ଯାତ୍ରା ପରିଚାଳକ ଦେବୀ ପ୍ରସାଦ ରଥ ମଧ୍ୟ ତଳେ ପଡି ଯାଇଥିବା ଦେଖାଯାଇଥିଲା। ତେବେ ଏକ ବଡ ଅଘଟଣରୁ ସମସ୍ତେ ବର୍ତ୍ତି ଯାଇଥିଲେ। ବଡରଥ ଠିକ ସନ୍ଧ୍ୟା ୬ଟା ବେଳକୁ ସିଂହଦ୍ୱାର ଆଗରେ ଲାଗିଥିଲା। ପରେ ସାନଦାଣ୍ଡ ସାହିର ଶ୍ରୀ ଦଧିବାମନ ଜଗନ୍ନାଥଙ୍କ ସାନରଥକୁ ଶ୍ରଦ୍ଧାଳୁମାନେ ଟାଣିନେଇ ସିଂହଦ୍ୱାର ସମ୍ମୁଖରେ ପହଞ୍ଚାଇଥିଲେ।

# ଆଖୁ ଚାଷୀ ଓ ପ୍ରଶାସନର ମିଳିତ ବୈଠକ

ଶେରଗଡ, ୧୭।୭ (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ଼ ପେଟ୍ରୋଲ ପମ୍ପ ନିକଟ ରାସ୍ତାରେ ଶେରଗଡର ଆଖୁ ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିନି ଶିଳ୍ପର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ତଥା ଗଞ୍ଜାମ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଆଖୁ ଚାଷୀଙ୍କ ବୈଠକରେ ସେମାନଙ୍କ ଅସୁବିଧା ସୁବିଧା ଉପରେ ଆଲୋଚନା ହୋଇଥିଲା। ଓଡିଶା ବିହନ ନିଗମର ନିର୍ଦ୍ଦେଶକ ତଥା ଗଞ୍ଜାମ ଜିଲା କୃଷି ବିକାଶର ନୋଡାଲ ଅଧିକାରୀ ଭବେଶ ଚନ୍ଦ୍ର ନାୟକ ଗଞ୍ଜାମ ଗସ୍ତରେ ଆସିଥିବା ବେଳେ ସେ ମଧ୍ୟ ଉକ୍ତ ବୈଠକରେ ଉପସ୍ଥିତ ଥିଲେ। ଆଖୁ ଚାଷୀମାନେ ୪ଦଫା ଦାବି ଉପରେ ସମାଧାନ ପାଇଁ ମତବ୍ୟକ୍ତ କରିଥିଲେ।


ବୈଠକରେ ଯୋଗଦେଇଥିବା ଆଖୁଚାଷୀ ଓ ଅଧିକାରୀମାନେ।

ଆଖୁ ଚାଷୀମାନଙ୍କୁ ସବସିଡ ପ୍ରଦାନ, ଗତ ଦୁଇ ବର୍ଷ ହେଲା ଆଖୁ ଚାଷ ପାଇଁ ଉପଯୋଗୀ କେନାଲର ମରାମତି, ଆଖୁର ମାନ ବା ଏଫଆରଜି ଟଙ୍କା ୪୫୦୦କୁ ବୃଦ୍ଧି କରିବା ଓ ଆଖୁ ଫସଲକୁ ବୀମାଭୁକ୍ତ କରିବା ନେଇ ଦାବି ରଖିଥିଲେ। ଏହିସବୁ ଦାବିକୁ ସରକାରଙ୍କ ଦୃଷ୍ଟିକୁ ନିଆଯିବ ବୋଲି ଶ୍ରୀ ନାୟକ କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ପଣ୍ଡା, ଚିନି ଶିଳ୍ପର ମ୍ୟାନେଜର ପ୍ରଶାନ୍ତ ପାଢୀ, ବ୍ଲକ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ମିଶ୍ରଙ୍କ ସମେତ ଅଧିକାରୀମାନେ ଯୋଗ ଦେଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଭଞ୍ଜନଗର,୧୭।୭(ବାବୁଲା ପ୍ରଧାନ):

ଭଞ୍ଜନଗର ଥାନା ଅନ୍ତର୍ଗତ କଇଣ୍ଡିର ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଏଥିରେ ଯୁବକଙ୍କ ଡାହାଣ ହାତ ଏବଂ ମୁଣ୍ଡରେ ଆଘାତ ଲାଗିଛି। ଆହତ ଯୁବକଙ୍କୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇ ଦିଆଯାଇଛି। କେଉଁ କାରଣରୁ ଏହି ଆକ୍ରମଣ ହୋଇଛି ତାହା ଜଣାପଡ଼ିନାହିଁ। ଯୁବକ ଜଣକ ରାତିରେ ଶାଲୁଆପଲ୍ଲି ରାସ୍ତା ଦେଇ ଗ୍ରାମକୁ ଫେରୁଥିଲା ବେଳେ ବାଟରେ କିଛି ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାପରେ ମିଳିତ ଆକ୍ରମଣରେ କଇଣ୍ଡିର ଯୁବକ ଜଣକ ଆହତ ହୋଇଥିଲେ।

## ଧରାକୋଟରେ ଏକାଦଶୀ ତିଥିରେ ବାହୁଡା ଯାତ୍ରା



ଧରାକୋଟ,୧୭।୭ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ପୂର୍ବ ପ୍ରଚଳିତ ବ୍ୟତିକ୍ରମ ପରମ୍ପରା ଅନୁଯାୟୀ ଏକାଦଶୀ ତିଥିରେ ଧରାକୋଟ ଗଡ଼ରେ ବାହୁଡା଼ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ମଙ୍ଗଳ ଆଳତି,ଗରୁଡ ପୂଜା, ମହାସ୍ନାନ ପରେ ଠାକୁରମାନଙ୍କୁ ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ଆଖପାଖ ଅଞ୍ଚଳ ସହ ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ଠାକୁରମାନଙ୍କୁ ଦର୍ଶନ କରି ରଥ ଉପରେ ନଡ଼ିଆ ଭାଙ୍ଗିଥିଲେ। ଅପରାହ୍ନରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ନିଜର ପାତ୍ର, ମନ୍ତ୍ରୀ, କଟୁଆଳ, ସେନାପତି , ସୈନ୍ୟ ଓ ପାରିଷଦ ବର୍ଗଙ୍କ ସହିତ ରାଜନଅରରୁ ବିରାଟ ପଟୁଆରରେ ରୁପା ପାଲିଙ୍କିରେ ବସି ରଥ ନିକଟକୁ ପହଞ୍ଚିଥିଲେ। ଏହା ପରେ ରଥଟଣା ଆରମ୍ଭ ହୋଇଥିଲା। ଆଖ ପାଖ ଅଞ୍ଚଳରୁ ପ୍ରାୟ ୩୦ହଜାରରୁ ଅଧିକ ଲୋକଙ୍କର ସମାଗମ ହୋଇଥିଲା।

# ସିସି ଟିଭି ଚୋରି ଉଦ୍ୟମ ଅଭିଯୋଗ

କବିସୂର୍ଯ୍ୟନଗର,୧୭।୭(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗରର ସର୍ବ ପୁରାତନ ଘନଶ୍ୟାମ ସଂସ୍କୃତ କଲେଜ ପରିସରରେ ବିଭିନ୍ନ ସିସି ଟିଭି ଚୋରି ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। କଲେଜ ଅଧ୍ୟକ୍ଷ ଅବନୀ ରଞ୍ଜନ ମିଶ୍ରଙ୍କ ଏତଲା କ୍ରମେ ଗ ୭ ଓ ୮ତାରିଖ ଦୁଇଦିନ ବିଭିନ୍ନ ସିସି ଟିଭି ଚୋରି କରିବା ଉଦ୍ୟମ ସିସି ଟିଭିରେ ଭିଡିଓ କଏଦ ହୋଇଛି । ଯାହାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏପରକି ଏହି କଲେଜ ପରିସର ଓ ରାସ୍ତାରେ ମଦ୍ୟପମାନଙ୍କ ଆତଙ୍କ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ପ୍ରଶାସନ ଏପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଧାନ ବିକି ଚାଷୀଙ୍କୁ ମିଳୁନି ଟଙ୍କା

ଛତ୍ରପୁର,୧୭।୭(ସନ୍ତୋଷ ପାଢୀ): ଗଞ୍ଜାମ ଜିଲାର ଚାଷୀ ନିଜର ଧାନ ସୋସାଇଟିମାନଙ୍କୁ ବିକ୍ରି କରିବାର ବର୍ଷେ ଓ ଦୁଇ ବର୍ଷେ ପରେ ବି ତାଙ୍କୁ ପ୍ରାପ୍ୟ ମିଳୁନି। ଫଳରେ ଚାଷୀମାନେ ସେମାନଙ୍କର ପରିବାର ଚଳାଇବା କଷ୍ଟକର ହୋଇପଡିଛି। ଏ ସମ୍ପର୍କରେ ବାରମ୍ବାର ସୋସାଇଟି ଠାରୁ ଆରମ୍ଭ କରି ଯୋଗାଣ ବିଭାଗ, ଉପଜିଲାପାଳ ଓ ଜିଲାପାଳଙ୍କୁ ଧାନ ବିକା ଟଙ୍କା ପାଇନଥିବା ଚାଷୀମାନେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ସୂଚନା ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଜଣେ ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୧୧ ଜଣ ଚାଷୀ ଖରିଫ ଧାନ ବିକ୍ରି କରିଥିଲେ ହେଁ ଟଙ୍କା ମିଳିନି। ଏ ସମ୍ପର୍କରେ ନ୍ୟାୟ ପ୍ରଦାନ ଲାଗି ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ରାଜ୍ୟପାଳଙ୍କୁ ଚିଠି ଲେଖାଯାଇଥିବା ସମ୍ପାଦକ ସୀମାଞ୍ଚଳ ନାହାକ ସୂଚନା ଦେଇଛନ୍ତି । ଧାନ ବିକିବା ପାଇଁ ଉକ୍ତ ଚାଷୀମାନେ ପଞ୍ଜୀକରଣ କରିଥିଲେ ଏବଂ ପରେ ସୋସାଇଟିମାନେ ଏମାନଙ୍କ ଠାରୁ ଧାନ କିଣିଥିଲେ। ଧାନ କିଣା ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେବା କଥା। ଉକ୍ତ ଚାଷୀମାନେ ମଧ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମଧ୍ୟ ଦାଖଲ କରିଥିଲେ। ବେଗୁନିଆପଡା, କୁକୁଡଖଣ୍ଡି, କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ଦିଗପହଣ୍ଡି, ସୋରଡା, ପାତ୍ରପୁର ଅଞ୍ଚଳର ବୋଲି ସୂଚନା ଦିଆଯାଇଛି।

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି

ଭଞ୍ଜନଗର,୧୭।୭ (ବାବୁଲା ପ୍ରଧାନ): ଗୋପାଳପୁର-ସମ୍ବଲପୁର ଭାୟା ଭଞ୍ଜନଗର ରେଳ ଲାଇନ ଦାବି ନେଇ ବୁଧବାର ଭଞ୍ଜନଗର ବାର ଆସୋସିଏଶନର କର୍ମକର୍ତ୍ତାମାନେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସୋସିଏଶନ ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, ବରିଷ୍ଠ ଆଇନଜୀବୀ ସନ୍ତୋଷ ନାୟକ, ସନ୍ତୋଷ ତିଆଡ଼ି, ପ୍ରମୋଦ ପ୍ରଧାନ, ବିଷ୍ଣୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ମଲିକ କହିଥିଲେ ଯେ ଉକ୍ତ ପ୍ରକଳ୍ପ କିଭଳି କାର୍ଯ୍ୟକାରୀ ହେବ ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ଚେଷ୍ଟା କରିବି। ଏନେଇ ରେଳମନ୍ତ୍ରୀଙ୍କୁ ପୁରୀ କାର୍ଯ୍ୟକାରିଣୀ ବୈଠକରେ ଭେଟି ଆଲୋଚନା କରିବି ବୋଲି କହିଛନ୍ତି। ପ୍ରକାଶ ଯେ, ଗୋପାଳପୁର-ସମ୍ବଲପୁର ରେଳ ଲାଇନ ଦାବି ବହୁବର୍ଷ ହେବ ହୋଇଆସୁଛି। କିନ୍ତୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉନାହାନ୍ତି । ତେଣୁ ଟୋକେନ ମନିରେ ଉକ୍ତ ପ୍ରକଳ୍ପ ସୀମିତ ହୋଇରହିଯାଇଛି। କନ୍ଧମାଳ ଏବଂ ବୌଦ୍ଧ ଜିଲାବାସୀ ଆଜି ସୁଦ୍ଧା ରେଳ ଲାଇନ ଦେଖିନାହାନ୍ତି। ଲୋକ ପ୍ରତିନିଧିମାନେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବାରେ ବିଫଳ ହେଉଥିବା ଯୋଗୁ ଅଞ୍ଚଳବାସୀଙ୍କ ପାଇଁ ରେଳ ସେବା ସ୍ୱପ୍ନ ହୋଇଯାଇଛି । ବର୍ତ୍ତମାନ ଡ଼ବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଉକ୍ତ ପ୍ରକଳ୍ପ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟିଦେଇ ଆବଶ୍ୟକ ଅନୁଦାନ ବଜେଟରେ ବ୍ୟବସ୍ଥା କରିବାକୁ ପ୍ରସ୍ତାବିତ ଗୋପାଳପୁର-ସମ୍ବଲପୁର ରେଳ ପ୍ରକଳ୍ପ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଚିଠି ଲେଖି ଦାବି କରାଯାଇଛି। ଏଥିସହ କେନ୍ଦ୍ର ରେଳମନ୍ତ୍ରୀ, ଗଞ୍ଜାମ, କନ୍ଧମାଳ, ବୌଦ୍ଧ ଜିଲାର ସମସ୍ତ ବିଧାୟକ, ଏମପିଙ୍କୁ ଚିଠି ଲେଖି ଉକ୍ତ ପ୍ରକଳ୍ପ କିଭଳି କାର୍ଯ୍ୟକାରୀ ହେବ ସେଥିପାଇଁ ଦୃଷ୍ଟି ଦେବାପାଇଁ ନିବେଦନ କରାଯାଇଛି ବୋଲି ସନ୍ତୋଷ ତିଆଡ଼ି କହିଛନ୍ତି।


ମନ୍ତ୍ରୀଙ୍କୁ ବାର ଆସୋସିଏଶନ କର୍ମକର୍ତ୍ତା ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

■ଗୋପାଳପୁର-ସମ୍ବଲପୁର ରେଳ ଲାଇନ ପ୍ରସ୍ତାବ
■ରେଳ ବଜେଟରେ ଅର୍ଥ ବ୍ୟବସ୍ଥା ଦାବି

# ବିଭିନ୍ନ ସ୍ଥାନରେ ଶ୍ରୀଜୀଉଙ୍କ ସୁନାବେଶ


ବୁଗୁଡ଼ା


ବ୍ରହ୍ମପୁରସ୍ଥିତ ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ସମ୍ମୁଖରେ ରଥାରୁଢ଼ ଶ୍ରୀଜୀଉଙ୍କ ସୁନାବେଶ। (ଫଟୋ: ସମୀର)


ଛତ୍ରପୁର


ଖଲ୍ଲିକୋଟ


ପାରଳାଖେମୁଣ୍ଡି


ରାଇକିଆ


ଜି.ଉଦୟଗିରି

## ୪ ମହିଳାଙ୍କ ବେକରୁ ସୁନାହାର ଲୁଟ୍

ବ୍ରହ୍ମପୁର,୧୭।୭ (ସୁବାସ ଚନ୍ଦ୍ର ପାଢ଼ୀ)

ସହରରେ ଏବେ ଲୁଟିଆ ଗ୍ୟାଙ୍ଗ। ବ୍ରହ୍ମପୁର ସହରରେ ସୁନାଚେନ ଲୁଟେରାଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଗୋଟିଏ ନୁହେଁ ଦୁଇଟି ନୁହେଁ ୪ଜଣ ମହିଳାଙ୍କ ବେକରୁ ସୁନା ହାର ଲୁଟି ନେଇଛନ୍ତି, ଯାହାକି ପୋଲିସ ପାଇଁ ଏକ ବଡ଼ ଚାଲେଞ୍ଜ ହୋଇପଡିଛି। ବୁଧବାର ଭୋରୁ ଲୁଟେରାମାନେ ନିଜ କାରନାମା ଘଟାଇ ଫେରାର ହୋଇଯାଇଛନ୍ତି। ସହରର ୪ଟି ସ୍ଥାନରୁ ୪ ମହିଳାଙ୍କ ଠାରୁ ସୁନା ଚେନ ତଥା ଅଳଙ୍କାର ଲୁଟ ହୋଇଥିବା ଅଭିଯୋଗ ହୋଇଛି । ପୋଲିସ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛନ୍ତି। ଲୁଟିଆ ଗ୍ୟାଙ୍ଗ ବାହାର ଜିଲାରୁ ଆସିଥିବା ସନ୍ଦେହ କରାଯାଉଛି। ରଥଯାତ୍ରା ଉପଲକ୍ଷେ ସହରରେ ଆଧ୍ୟାତ୍ମିକ ପରିବେଶ ଲାଗିରହିଛି । ରଥ ଉପରେ ବିରାଜମାନ ତିନି ଠାକୁରଙ୍କୁ ଦେଖିବାକୁ ଲୋକମାନେ ସକାଳୁ ସନ୍ଧ୍ୟାଯାଏଁ ବିଭିନ୍ନ ଛକରେ ଥିବା ରଥ ନିକଟକୁ ଦର୍ଶନ ପାଇଁ ଯାଉଛନ୍ତି। ସେହିପରି ବୁଧବାର ପବିତ୍ର ବଡ଼ ଏକାଦଶୀ ଥିବାରୁ ଭୋରୁ ଲୋକମାନେ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ, ଯାହାର ଭରପୁର ଫାଇଦା ଉଠାଇଥିଲେ ଲୁଟେରା ଗ୍ୟାଙ୍ଗ। ୨ ଜଣ ଲୁଟେରା ଏକ ବାଇକରେ ଆସି ସହରର ବିଭିନ୍ନ ଛକ ଓ ଗଳିରୁ ଲୁଟ୍‌ତରାଜ କରିବା ପରେ ଚମ୍ପଟ ମାରିଛନ୍ତି। ଏହି ଲୁଟେରାମାନେ ବୁଧବାର ଭୋରୁ ପ୍ରଥମେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଠାରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ସେହିପରି ଅନ୍ୟ ଜଣେ ମହିଳା ମନ୍ଦିରକୁ ଯାଉଥିବା ବେଳେ ଲୁଟେରାମାନେ ଟାଟାବେଞ୍ଜ ଛକ ଠାରେ ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ଏହି ୨ ମହିଳା ମନ୍ଦିର ଯିବାବେଳେ ଲୁଟର ଶିକାର ହୋଇଥିଲେ। ଏହାପରେ ଲୁଟେରାମାନେ ଗୋସାଇଁନୂଆଗାଁ ଥାନା ଅଞ୍ଚଳକୁ ଯାଇ ଲୁଟପାଟ ଆରମ୍ଭ କରିଥିଲେ। କେସି ହାଇସ୍କୁଲ ନିକଟରେ ଜଣେ ମହିଳା ୩ ଠାକୁରଙ୍କୁ ଦର୍ଶନ କରି ଫେରୁଥିବା ବେଳେ ଏହି ଲୁଟେରାମାନେ ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ। ଏହାପରେ ଲୁଟେରାମାନେ ଓଭରବ୍ରିଜ ଦେଇ ୪ ନଂ ପ୍ଲାଟଫର୍ମ ରାସ୍ତାରେ ଯାଇଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ମହିଳାଙ୍କ ବେକରୁ ପୁଣି ଏକ ସୁନା ଚେନ ଝାମ୍ପି ଚମ୍ପଟ ମାରିଥିଲେ। ଏଭଳି ୪ ଜଣ ମହିଳାଙ୍କ ଠାରୁ ଚେନ ତଥା ମଙ୍ଗଳସୂତ୍ର ଝାମ୍ପିବା ପରେ ଲୁଟେରାମାନେ ଜାତୀୟ ରାପଥ ଦେଇ ଆନ୍ଧ୍ରପ୍ରଦେଶ ଅଭିମୁଖେ ଚାଲି ଯାଇଥିଲେ। ପୋଲିସ ସହରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଲୁଟେରାଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଜାରି ରଖିଛି।

## ବହୁଭାଷୀ ନାଟକ ଓ ନୃତ୍ୟ ପ୍ରତିଯୋଗିତାରେ ଗଞ୍ଜାମ କଳାକାର ପୁରସ୍କୃତ


ପୁରସ୍କୃତ ଗଞ୍ଜାମ କଳାକାର।

ବ୍ରହ୍ମପୁର,୧୭।୭(ସ୍ମୃତି ରଞ୍ଜନ ମହାଲିକ)

ଝାରଖଣ୍ଡ ଧାନବାଦଠାରେ ଗତ ୧୩ ତାରିଖ ଅନୁଷ୍ଠିତ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ପ୍ରତିଯୋଗିତାରେ ଗଞ୍ଜାମ କଳାକାରମାନେ ୧୦ ଜାତୀୟ ପୁରସ୍କାର ଜିତିଛନ୍ତି। ଗଞ୍ଜାମ ଜିଲାର ଅଗ୍ରଣୀ ନାଟ୍ୟ ସଂସ୍ଥା ଆଶିଷ ଅଂଶୁମାନ ସୌଖିନ କଳାକାର ସଂଘ ପକ୍ଷରୁ ଶାପିତ ପୁତ୍ର ମଞ୍ଚସ୍ଥ ହୋଇଥିଲା। ନାଟକର ନିର୍ଦ୍ଦେଶକଙ୍କୁ ୩ୟ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ନାଟ୍ୟକାର ଭାବେ ପୁରସ୍କାର ମିଳିଥିବା ବେଳେ ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ସୁମନ ପାଢୀ ଓ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ମିଳିଛି। ସେହିପରି ୨ୟ ଶ୍ରେଷ୍ଠ ଅଭିନେତା ଭାବେ ସୁଶାନ୍ତ ପାଣିଗ୍ରାହୀ, ୩ୟ ଶ୍ରେଷ୍ଠ ଚରିତ୍ର ଅଭିନେତା ଭାବେ ସଦାନନ୍ଦ ରଣା, ଦ୍ୱିତୀୟ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ କୁଞ୍ଜବିହାରୀ ପାଣିଗ୍ରାହୀ, ଦ୍ୱିତୀୟ ଶ୍ରେଷ୍ଠ ରୂପସଜ୍ଜା ରୂପେ ସିଏଚ ଦେବଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ନାଟ୍ୟ ସଂସ୍ଥାକୁ ୩ୟ ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର ମିଳିଛି। ଏଥିସହ ନାଟ୍ୟ ନିର୍ଦ୍ଦେଶକଙ୍କୁ ମଞ୍ଚ କଳାରେ ଉଲେଖନୀୟ ଅବଦାନ ପାଇଁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ନାଟ୍ୟ ଦଳକୁ କେ କୃଷ୍ଣମୂର୍ତ୍ତି, ଦୀନବନ୍ଧୁ ଶତପଥୀ, ପ୍ରଦୀପ ପଣ୍ଡା, କୈଳାସ ପାଣିଗ୍ରାହୀ, ରାଜେଶ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଯୁକ୍ତ ୩ ତୃତୀୟ ପର୍ଯ୍ୟାୟ ନାମଲେଖା ଆଜି

ବ୍ରହ୍ମପୁର,୧୭।୭
(ସ୍ୱାଧୀନ ଶେଖର ପାଢ଼ୀ)

ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ଡିଗ୍ରୀ (ଯୁକ୍ତ ୩) କଲେଜରେ ଛାତ୍ରୀଛାତ୍ରଙ୍କ ନାମଲେଖା ଜାରି ରହିଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟ କଟଅଫ ମାର୍କ ପ୍ରକାଶ ପାଇଥିବା ବେଳେ ଖାଲି ପଡ଼ିଥିବା ସିଟ ଗୁଡ଼ିକରେ ଛାତ୍ରୀଛାତ୍ର ଗୁରୁବାର ଅର୍ଥାତ ୧୮ତାରିଖ ସକାଳ ୯ଟାରୁ ୨୨ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନାମ ଲେଖାଇବାର ସୁଯୋଗ ପାଇବେ। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟ କଟଅଫ ତାଲିକାରେ ସରକାରୀ ଡିଗ୍ରୀ କଲେଜଗୁଡ଼ିକ ଆଗରେ ରହିଛନ୍ତି। ଉପରୋକ୍ତ କଲେଜରେ ବିଭିନ୍ନ ପାଠ୍ୟକ୍ରମରେ ମୋଟ ୨୪ ହଜାର ୩୦୮ ସିଟ ଥିବାବେଳେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ପାଠ୍ୟକ୍ରମରେ ମୋଟ ୯ ହଜାର ୯୭୪ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅବଶିଷ୍ଟ ୧୪ହଜାର ୩୩୪ ସିଟ ଖାଲି ପଡ଼ିଛି। କଳାରେ ମୋଟ ୧୩ହଜାର ୬୪ ସିଟ ଥିବାବେଳେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ ହଜାର ୧୫୮ ଛାତ୍ରୀଛାତ୍ର ନାମ ଲେଖାଇ ସାରିଛନ୍ତି। ଅବଶିଷ୍ଟ ୬ ହଜାର ୯୦୬ ସିଟ ଖାଲି ପଡିଛି। ସେହିପରି ଫିଜିକାଲ ସାଇନ୍ସରେ ମୋଟ ୪ ହଜାର ୧୬୦ ସିଟ ଥିବାବେଳେ ଏକ ହଜାର ୪୪୪ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅବଶିଷ୍ଟ ୨ହଜାର ୭୧୬ଟି ସିଟ ଖାଲି ପଡିଛି। ବାୟୋଲଜି ସାଇନ୍ସରେ ମୋଟ ସିଟ ସଂଖ୍ୟା ୨ ହଜାର ୮୦୦ ଥିବା ବେଳେ ୧ ହଜାର ୨୨୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅବଶିଷ୍ଟ ୧୫୮୦ ସିଟ ଖାଲି ପଡିଛି। ସେହିପରି ବାଣିଜ୍ୟରେ ମୋଟ ୩ ହଜାର ୧୬୮ ସିଟ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୨୬ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ୨ ହଜାର ୨୪୨ ସିଟ ଖାଲିପଡିଛି। ସେଲ୍ଫ ଫାଇନାନ୍ସର ବିଭିନ୍ନ ବିଷୟରେ ମୋଟ ୮୬୦ ସିଟ୍ ରହିଛି। ସେଥିମଧ୍ୟରୁ ୧୩୫ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଅବଶିଷ୍ଟ ୭୨୫ ସିଟ ଖାଲିପଡ଼ିଛି। ସେହିପରି ଜିଲାର ବିଭିନ୍ନ ସଂସ୍କୃତ କଲେଜରେ ମୋଟ ୨୫୬ ସିଟ ଥିବାବେଳେ ଉଭୟ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମାତ୍ର ୯୧ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅବଶିଷ୍ଟ ୧୬୫ ସିଟି ଖାଲିପଡ଼ିଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଇତି ମଧ୍ୟରେ ଶେଷ ହୋଇଥିବା ବେଳେ ଗୁରୁବାର ଠାରୁ ତୃତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ। ତୃତୀୟ ପର୍ଯ୍ୟାୟ କଟଅଫ ମାର୍କ ପ୍ରକାଶ ପାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ଖାଲି ପଡ଼ିଥିବା ସିଟ ଗୁଡ଼ିକରେ ଛାତ୍ରୀଛାତ୍ର ନାମ ଲେଖାଇବାର ସୁଯୋଗ ପାଇବେ। ସେହିପରି ଆସନ୍ତା ୨୫ରେ ୱେଟିଂ ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ଅଗଷ୍ଟ ପହିଲାରେ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଅଗଷ୍ଟ ୧ ଠାରୁ ଯୁକ୍ତ ତିନି ପ୍ରଥମ ବର୍ଷର ବିଦ୍ୟାର୍ଥୀଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହି ବିଭିନ୍ନ ପାଠ୍ୟକ୍ରମରେ ବହୁ ସିଟ ଖାଲି ପଡ଼ିଛି, ତେଣୁ କାହିଁକି ଓ କେଉଁ ପରିସ୍ଥିତିରେ ସିଟି ଖାଲି ରହିଛି ସେ ନେଇ ସମୀକ୍ଷା କରିବା ଆବଶ୍ୟକ ରହିଛି ବୋଲି ଶିକ୍ଷାବିତମାନେ ଦାବି କରିଛନ୍ତି।

## ହୋଟେଲରୁ ଶିଶୁ ଶ୍ରମିକ ଉଦ୍ଧାର

ବ୍ରହ୍ମପୁର,ତା୧୭।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜିଲାରେ ଶିଶୁ ଶ୍ରମିକ ବନ୍ଦ ନାଁ ନେଉନାହିଁ। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ପାଇଁ ଜୋରଦାର ଉଦ୍ୟମ ଜାରି ରହିଛି। ଏପରିକି ଶିଶୁଙ୍କୁ ଶ୍ରମିକ ଭାବେ ବିଦଜନକ କାମରେ ନିୟୋଜିତ କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି। ଟାଉନ ଥାନା ଅନ୍ତର୍ଗତ ଲୋଚାପଡ଼ା ମୁଖ୍ୟ ରାସ୍ତାରେ ଥିବା ସିରିଡିସାଇ ଟିଫିନ ସେଣ୍ଟର ନାମକ ଏକ ହୋଟେଲରୁ ଜଣେ ଶିଶୁ ଶ୍ରମିକ ଉଦ୍ଧାର ହୋଇଛି। ଶିଶୁଟିର ବୟସ ୧୫ ବର୍ଷ ହୋଇଥିବା ବେଳେ ତାଙ୍କ ଘର ପାଟପୁର ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ଉଦ୍ଧାର ଶିଶୁଟିକୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)ରେ ହାଜର କରାଯାଇଥିଲା। ସିଡବ୍ଲୁସି ନିର୍ଦ୍ଦେଶ ଅନୁସାରେ ଶିଶୁଟିକୁ ଏବେ ଗୋଷାଣୀନୂଆଗାଁ ଉତ୍କଳ ବଳାଶ୍ରମରେ ରଖାଯାଇଛି। ଶିଶୁ ଶ୍ରମିକ ଉଦ୍ଧାର କରିବା ସହ ଚାଲାଣକୁ ରୋକିବା ପାଇଁ କାମ କରୁଥିବା ସଂସ୍ଥାର ପ୍ରକଳ୍ପ ସଂଯୋଜକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୧୯/୨୪ରେ ଉକ୍ତ ହୋଟେଲ ମାଲିକଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଉକ୍ତ ହୋଟେଲରେ ଜଣେ ନାବାଳକ କାମ କରୁଥିବା ଖବର ପାଇ ଉକ୍ତ ସଂସ୍ଥା କର୍ମଚାରୀ, ଶ୍ରମ ବିଭାଗ କର୍ମଚାରୀ ଓ ପୋଲିସ ମିଳିତ ଚଢ଼ାଉ କରି ସେଠାରୁ ଶିଶୁଟିଙ୍କୁ ଉଦ୍ଧାର କରିଛି। ସମ୍ପୃକ୍ତ ହୋଟେଲ ମାଲିକ ନିୟମର ଖିଲାପ କରି ଜଣେ ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜିତ କରିଥିବାରୁ ତାଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି।

## ପୋଖରୀରେ ବୁଡ଼ିଗଲେ ଶିଶୁ

ବ୍ରହ୍ମପୁର,୧୭।୭(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଆଙ୍କୁଲି ବଡ଼ ବନ୍ଧରେ ବୁଧବାର ଜଣେ ୭ବର୍ଷର ଶିଶୁ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷୀ ଦାସଙ୍କ ପୁଅ ମହେଶ୍ୱର ଦାସ। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମହେଶ୍ୱର ସକାଳେ ମାଉସୀ ମମତା ଦାସଙ୍କ ସହ ବନ୍ଧକୁ ଗାଧୋଇବାକୁ ଯାଇଥିଲେ। ମାଉସୀ ଉକ୍ତ ପୋଖରୀ ପାହାଚରେ ଲୁଗା ସଫା କରୁଥିବା ବେଳେ ମହେଶ୍ୱର ତାଙ୍କ ନିକଟରେ ବସିଥିଲେ। ଅସାବଧାନତା ଯୋଗୁଁ ମହେଶ୍ୱରଙ୍କ ଗୋଡ଼ ଖସିଯିବାରୁ ସେ ପାଣି ଭିତରେ ବୁଡ଼ି ଯାଇଥିଲେ। ମହେଶ୍ୱର ପୋଖରୀରେ ବୁଡ଼ିଯାଉଥିବା ଦେଖି ସେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଦାଦା ଉମା ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ଇସ୍‌ଲାମ ଧର୍ମାବଲମ୍ବୀଙ୍କ ମହରମ୍ ପାଳିତ

ବ୍ରହ୍ମପୁର,୧୭।୭(ସ୍ମୃତି ରଞ୍ଜନ ମହାଲିକ)

ଇସଲାମ ଧର୍ମାବଲମ୍ବୀଙ୍କ ନୂତନ ବର୍ଷ ମହରମ ମାସରୁ ଆରମ୍ଭ ହୋଇଥାଏ। ଏ ନେଇ ବୁଧବାର ସହରର ଜାମିଆ ମସଜିଦ ମ୍ୟାନେଜିଂ କମିଟି ପକ୍ଷରୁ ମହରମ ପାଳିତ ହୋଇଯାଇଛି। ଧର୍ମର ରକ୍ଷା ପାଇଁ ଓ ମହାପୁରୁଷ ମହମ୍ମଦଙ୍କ ନୀତିବାଣୀର ରକ୍ଷା ପାଇଁ ଇମାମ ହୁସେନ ନିଜ ପରିବାରଙ୍କ ବଳିଦାନ ସଂପର୍କରେ ନୀତିବାଣୀ ଦିଆଯାଇଥିଲା। ପ୍ରତି ବର୍ଷ ମହରମର ୧୦ମ ଦିନ ସମଗ୍ର ବିଶ୍ୱରେ ଯେଉଁଠି ଇସଲାମିକ ଧର୍ମାବଲମ୍ବୀ ରହିଛନ୍ତି ସେଠାରେ ହୁସେନଙ୍କ ବଳିଦାନ ସଂପର୍କରେ ପ୍ରବଚନ ଆଧାରରେ ଆଲୋକପାତ କରାଯାଇଥାଏ। ଜାମିଆ ମସଜିଦ ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୫୦୦ ଜଣଙ୍କ ପାଇଁ ଖାଦ୍ୟ ଓ ସରବତ ପ୍ରଦାନ କରାଯାଇଥିଲା। ମସ୍‌ଜିଦର ସଭାପତି ହାଜି ମହମ୍ମଦ ଫଇଜୁଲା ଖାନ, ସଂପାଦକ ଇବ୍ରାହିମ ଖାନ, ଉପସଭାପତି ଇଲିୟାସ ଅହମ୍ମଦ ଖାନଙ୍କ ସମେତ ମହରମ କମିଟିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ୨ ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ବ୍ରହ୍ମପୁର,୧୭।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ଅଞ୍ଚଳରେ ୨ ଜଣ ଯୁବକ ଆତ୍ମହତ୍ୟା କରିଛନ୍ତି । ପୋଲିସ ପୃଥକ ସ୍ଥାନରୁ ମୃତଦେହ ଜବତ କରିବା ସହ ଏନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ସେମାନଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ପୋଲିସ କହିଛି। ଉକ୍ତ ଥାନା ଅନ୍ତର୍ଗତ ନୂଆକାଲୁପାତ୍ର ସାହିର ଦିପୁନ ଦାସ(୩୨) ନିଜ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ବଞ୍ଚିଥିବା ଭାବି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବଡବଜାର ଥାନା ପୋଲିସ ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଅନ୍ୟ ଏକ ଘଟଣା କ୍ରମରେ ବାଲାଜୀପେଣ୍ଠ ସାହିର ଜଣେ ଯୁବକ ନିଜ ଘର ଭିତରେ ଆତ୍ମହତ୍ୟା କରିଥିଲେ। ମୃତକ ଜଣଙ୍କ ହେଲେ ସେହି ସାହିର ମନୋଜ କୁମାର ସାହୁ(୨୫)। ବୁଧବାର ସକାଳୁ ମନୋଜଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଏଯାବତ ସ୍ପଷ୍ଟ ହୋଇ ପାରିନାହିଁ ବୋଲି ପୋଲିସ କହିଛି। ଥାନାରେ ଏସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଥିବା କହିଛି ।

## ଭଞ୍ଜନଗର ଆର୍‌ଏମ୍‌ସିରେ ପୁଣି ଦୁର୍ନୀତି ଅଭିଯୋଗ

### ଉପଜିଲାପାଳ ତଦନ୍ତ କଲେ

ଭଞ୍ଜନଗର,୧୭।୭(ବାବୁଲା ପ୍ରଧାନ):

ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମସି)ରେ ପୁଣି ଦୁର୍ନୀତି ଅଭିଯୋଗ ହୋଇଛି। ଆର୍‌ଏମସି ନିୟନ୍ତ୍ରଣରେ ଥିବା ବଳଭଦ୍ର କୃଷକ ବଜାରରେ ଥିବା କିଛି ଦୋକାନ ଗୃହରୁ ବିନା ରସିଦରେ ଜଣେ ଅଧିକାରୀ ଭଡ଼ା ଟଙ୍କା ଆଦାୟ କରୁଛନ୍ତି। ଏଥିସହ ଅନ୍ୟାନ୍ୟ ଦୁର୍ନୀତି ହୋଇଥିବା ନେଇ କିଛି କର୍ମଚାରୀ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଉପ ଜିଲ୍ଲାପାଳ ଅନୀଲ କୁମାର ସେଠୀ ବୁଧବାର କାର୍ଯ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଏନେଇ ଆର୍‌ଏମସି ସମ୍ପାଦକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଉପଜିଲ୍ଲାପାଳ ଘଟଣାର ତଦନ୍ତ କରୁଛନ୍ତି। ମୋ ପାଖରେ କୌଣସି ଅଭିଯୋଗ ନାହିଁ। ସୂଚନାଯୋଗ୍ୟ ଯେ କିଛିବର୍ଷ ପୂର୍ବେ ଆର୍‌ଏମସିରେ ବଡ଼ଧରଣର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଜଣେ କର୍ମଚାରୀ ନିଲମ୍ବିତ ହୋଇଥିଲେ। ଆଉ କିଛି କର୍ମଚାରୀ ମଧ୍ୟ ଉକ୍ତ ଦୁର୍ନୀତିରେ ଜଡିତ ହୋଇଥିବା ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଦୁର୍ନୀତି ମାମଲା ବର୍ତ୍ତମାନ କୋର୍ଟରେ ବିଚାରଧୀନ ଅଛି। ଏହି ଦୁର୍ନୀତି ସରିନଥିବା ବେଳେ ପୁଣି ଆଉ ଏକ ଦୁର୍ନୀତି ଅଭିଯୋଗ ଆସିଛି। ତେଣୁ ଭଞ୍ଜନଗର ଆର୍‌ଏମସି ଦୁର୍ନୀତିର ଗନ୍ତାଘର ପାଲଟି ଯାଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ କିଛି କର୍ମଚାରୀ କହିଛନ୍ତି ଯେ ପୁରୁଣା ଦୁର୍ନୀତି ମାମଲାର ସମସ୍ତ କାଗଜପତ୍ର ଠିକ ହୋଇଗଲାଣି। ସୂଚନାଯୋଗ୍ୟ ଯେ କିଛିଦିନ ପୂର୍ବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଆର୍‌ଏମସି କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସେ ସଂସ୍ଥା କିଭଳି ଆଗକୁ ଯିବ ସେନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଉପଜିଲାପାଳ, ଜଣେ ଅବସରପ୍ରାପ୍ତ ସମ୍ପାଦକ ଏବଂ ସହକାରୀ ଉପଜିଲାପାଳ ଉପସ୍ଥିତ ଥିଲେ। ବିଧାୟକଙ୍କ ଗସ୍ତ ପରେ ଦୁର୍ନୀତି ପଦାକୁ ଆସିବାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ନାନା ଆଲୋଚନା ହେଉଛି।


କର୍ମଚାରୀମାନେ ଉପଜିଲାପାଳଙ୍କୁ ଅଭିଯୋଗ କରିବାକୁ ଯାଉଛନ୍ତି।

# ଚଳିତ ଆର୍ଥିକ ବର୍ଷରେ ୨୦,୦୦୦ କୋଟିର ପୁଞ୍ଜି ନିବେଶ କରିବ ଟାଟା ପାୱାର

- ■ କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟର ଏବଂ ଡିସ୍‌କମ୍ ସମ୍ପ୍ରସାରଣ ସୁଯୋଗର ଅନୁସନ୍ଧାନ
- ■ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଉପଭୋକ୍ତା ବ୍ୟବସାୟ ଉପରେ ବର୍ଦ୍ଧିତ ଗୁରୁତ୍ୱ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ପାୱାର (ଭାରତର ଅନ୍ୟତମ ଅଗ୍ରଣୀ ସମନ୍ୱିତ ଶକ୍ତି କମ୍ପାନୀ ଟାଟା ପାୱାର)ର ୧୦୫ ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି କମ୍ପାନୀ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅଂଶୀଦାରମାନଙ୍କ ଏଜିଏମ୍ ମଧ୍ୟ ଆୟୋଜନ କରିଛି। ଏହି ପରିପ୍ରେକ୍ଷୀରେ ଟାଟା ପାୱାରର ଅଧ୍ୟକ୍ଷ ନଟରାଜନ ଚନ୍ଦ୍ରଶେଖରନ ଅଂଶୀଦାରମାନଙ୍କୁ ଦେଇଥିବା ଅଭିଭାଷଣରେ କହିଛନ୍ତି, କମ୍ପାନୀର ସୁଦୃଢ଼ ଆର୍ଥିକ ଓ ପରିଚାଳନାଗତ ପ୍ରଦର୍ଶନ,ନିରନ୍ତର ଅଭିବୃଦ୍ଧି, ଆର୍ଥିକ ସଚେତନତା ଏବଂ ପ୍ରକଳ୍ପ କାର୍ଯ୍ୟକାରିତା ଉତ୍କର୍ଷ ଦିଗରେ ଏହାର ପ୍ରତିବଦ୍ଧତାର ସଙ୍କେତ।

ଏ ସମ୍ପର୍କରେ ଟାଟା ପାୱାରର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ କହିଛନ୍ତି, ଟାଟା ପାୱାର ଚଳିତ ଆର୍ଥିକ ବର୍ଷରେ ୨୦,୦୦୦କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଯୋଜନା ରଖିଛି। ଏହା ୨୦୨୩-୨୪ ଆର୍ଥିକ ବର୍ଷରେ ନିବେଶ କରାଯାଇଥିବା ୧୨,୦୦୦କୋଟି ଟଙ୍କାଠାରୁ ଅଧିକ। ଏହାର ଏକ ବଡ଼ ଅଂଶ କମ୍ପାନୀର ଅକ୍ଷୟ ଶକ୍ତି ପୋର୍ଟଫୋଲିଓକୁ ତ୍ୱରାନ୍ୱିତ କରିବା ଏବଂ ସଞ୍ଚରଣ ଏବଂ ବିତରଣ ବ୍ୟବସାୟରେ ସନ୍ତୁଳନ ରକ୍ଷା କରିବାରେ ଖର୍ଚ୍ଚହେବ। ସରକାରଙ୍କ ନୀତି ଅନୁଯାୟୀ ଏହି ସୁଯୋଗ ସୃଷ୍ଟି ହେଲେ ସରକାର ଅନ୍ୟ ରାଜ୍ୟରେ ନୂତନ ବିତରଣ ସମ୍ପ୍ରସାରଣ ସୁଯୋଗ ବ୍ୟତୀତ ଆବଶ୍ୟକ ଅନୁମତି ଦେବା ପରେ କମ୍ପାନୀ କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟରରେ ଅଂଶଗ୍ରହଣ କରିବାକୁ ସୁଯୋଗର ଅନୁସନ୍ଧାନ କରିବ।


ନଟରାଜନ ଚନ୍ଦ୍ରଶେଖରନ

କମ୍ପାନୀ ବିଶେଷକରି ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ୨୪ ଘଣ୍ଟିଆ ଅକ୍ଷୟ ଶକ୍ତି ଯୋଗାଇବା ଉପରେ ଧ୍ୟାନଦେବା ସହ ଭାରତର ସବୁଜ ଶକ୍ତି ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ରହିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଯୋଗୁ ବଜାର ଅଂଶ ବୃଦ୍ଧି ଲକ୍ଷ୍ୟ ରଖି ରୁଫ୍‌ଟପ୍ ସୌରଶକ୍ତିରେ ଅଭିବୃଦ୍ଧି ଘଟିଛି। ବର୍ତ୍ତମାନର ୧୨.୫ନିୟୁତ ଉପଭୋକ୍ତାଙ୍କଠାରୁ ବିତରଣ ବ୍ୟବସାୟ ସମ୍ପ୍ରସାରଣ ମାଧ୍ୟମରେ ୫୦ନିୟୁତ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି।

କମ୍ପାନୀର ସମନ୍ୱିତ ରାଜସ୍ୱ ୧୦% ବୃଦ୍ଧି ପାଇ ୬୧,୫୪୨କୋଟି ଟଙ୍କାରେ ପହଞ୍ଚିଛି। ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୨% ବୃଦ୍ଧି ପାଇ ୪,୨୮୦କୋଟି ଟଙ୍କାରେ ପହଞ୍ଚିଛି। କମ୍ପାନୀ ଏହାର ବାଲାନ୍ସ ଶିଟ୍‌କୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରଖିଛି ଏବଂ ଏହାର ଅଭିବୃଦ୍ଧି ଯୋଜନାକୁ ପାଣ୍ଠି ଯୋଗାଇବା ପରେ ମଧ୍ୟ ଇକ୍ୱିଟି ୧ରୁ କମ୍ ନିଟ୍ ଋଣ ବଜାୟ ରଖିଛି। ଉଭୟ ଆଗରୁ କାର୍ଯ୍ୟକ୍ଷମ ଥିବା ଏବଂ ଏବେ ଚାଲୁ ରହିଥିବା ପ୍ରକଳ୍ପରୁ ବର୍ତ୍ତମାନର ୯ ଗିଗାୱାଟ୍‌ରୁ ୫ ବର୍ଷ ମଧ୍ୟରେ ୧୫ଗିଗାୱାଟ ସ୍ୱଚ୍ଛ ଶକ୍ତି ପୋର୍ଟଫୋଲିଓ ପାଇଁ ଲକ୍ଷ୍ୟ ରଖାଯାଇଛି। ତାମିଲନାଡୁଠାରେ ନୂତନ ୪.୩ ଗିଗାୱାଟ ସୌର ସେଲ୍ ଏବଂ ମଡ୍ୟୁଲ ଉତ୍ପାଦନ କାରଖାନା ସ୍ଥାପନ କରାଯିବ। ୫୩୦ରୁ ଅଧିକ ସହରରେ ୫,୫୦୦ସାର୍ବଜନୀନ ଓ କ୍ୟାପ୍ଟିଭ୍ ଚାର୍ଜର ଏବଂ ୮୬,୦୦୦ରୁ ଅଧିକ ହୋମ୍ ଚାର୍ଜର୍ ଲଗାଯାଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଅଧୀନରେ 'ଘର ଘର ସୌର' କାର୍ଯ୍ୟକ୍ରମ ମାଧ୍ୟମରେ ଘରକୁ ସୌରଶକ୍ତି ଯୋଗାଇବା ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବର୍ତ୍ତମାନ ସୁଦ୍ଧା ୨ଗିଗାୱାଟରୁ ଅଧିକ ରୁଫ୍‌ଟପ୍ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛିଏବଂ ୨,୮୦୦କୋଟି ଟଙ୍କାର ବରାଦ ବୁକିଂ ରହିଛି।

ଏହାର ପ୍ରଦର୍ଶନକୁ ଆଧାରକରି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ୧ଟଙ୍କାର ଇକ୍ୱିଟି ଶେୟାର ପିଛା ୨ଟଙ୍କା ଲାଭାଂଶ ଦେବାକୁ ସୁପାରିସ କରିଛନ୍ତି।

## କେଏଫ୍‌ସିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ ତଥା କେଏଫ୍‌ସିର ନୂତନ ଉତ୍ପାଦ 'ଅଲ୍ ନ୍ୟୁ କେଏଫ୍‌ସି ରୋଲ୍‌ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ନୂତନ ତଥା ସ୍ୱାଦିଷ୍ଟ ସ୍ୱତନ୍ତ୍ର ରୋଲ୍‌ଗୁଡିକୁ ଗ୍ରାହକ କେଉଁଠାରେ ବି ଖାଇପାରିବେ। ଗ୍ରାହକ ଏହାକୁ ଥାଇ ସ୍ୱାଇସି, କୋରିଆନ ଟ୍ୟାଙ୍ଗି, ଆମେରିକାନ ନାସ୍‌ଭିଲେ, ଇଣ୍ଡିଆନ ତନ୍ଦୁରୀ ଓ ଇଣ୍ଡିଆନ ସ୍ୱାଇସି ଭେଜ୍ ସମେତ ୫ଟି ଆକର୍ଷଣୀୟ ରେଞ୍ଜ୍ ମଧ୍ୟରୁ ଚୟନ କରିପାରିବେ। ଉପଭୋକ୍ତାମାନେ କେବଳ ୯୯ଟଙ୍କାରେ ଯେକୌଣସି ନୂଆ କେଏଫ୍‌ସି ରୋଲ୍‌କୁ କ୍ରୟକରିପାରିବେ। ଏପରିକି କ୍ଲାସିକ୍ ଆମେରିକାନ ନାସ୍‌ଭିଲେ ରୋଲ୍ ମିଳିତ ଭାବେ ଏକ ଗରମ, ଫ୍ଲାକି ପରାଠାରେ ରାପ୍ ହୋଇଥିବା କ୍ରଂଚି ଚିକେଟ ଫିଲେଟ, ପିଆଜ, ସ୍ୱାଇସି ଗାର୍ଲିକ ଓ ନାସ୍‌ଭିଲେ ଚିଲୀ ପେପର ସସ୍ ସହ ଆସୁଥିବାବେଳେ ଥାଇ ସ୍ୱାଇସି ରୋଲ୍ ଜୁସି ଚିକେନକୁ ଭେଜିସ୍ ସହ ମିଶ୍ରଣ କରୁଛି ଏବଂ ଏହାକୁ ଥାଇ ସିରାଚା ଓ ଡାଇନାମାଇଟ ସସ୍‌ଗୁଡିକ ସହ ମିଶ୍ରଣ କରିଛି। ଯଦି ଉପଭୋକ୍ତାମାନେ କିଛି ଭିନ୍ନ ସ୍ୱାଦର ସନ୍ଧାନ କରୁଛନ୍ତି, ତେବେ କୋରିଆନ ଟ୍ୟାଙ୍ଗି ରୋଲ୍‌ର ଏକ ବାଇଟ୍‌ର ସ୍ୱାଦ ଚାଖନ୍ତୁ, ଯାହା କୋରିଆନ ସ୍ୱାଦ କିମ୍ଚି ସହ କେଏଫ୍‌ସିର ଫିଙ୍ଗର ଲିକିନ୍ ଟେଷ୍ଟକୁ ମିଶ୍ରଣ କରୁଛି।

## ବଜାରରେ ଓପୋର ନୂଆ ରେନୋ୧୨ ୫ଜି ସିରିଜ




ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ତଥା ଓପୋ ଇଣ୍ଡିଆର ନୂଆ 'ରେନୋ୧୨ ୫ଜି ସିରିଜ'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ବଜାରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଫୋନ୍‌ଗୁଡ଼ିକର ଉପଲବ୍ଧତାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ରାଣ୍ଡର ଏହା ପ୍ରଥମ ପଦକ୍ଷେପ ହୋଇଥିଲାବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସମସ୍ତ ପ୍ରକାର ବୈଶିଷ୍ଟ୍ୟ ଏହି ସିରିଜରେ ଉପଲବ୍ଧ ରହିଛି। ଏପରିକି ଏହି ନୂତନ ସିରିଜରେ ଜଟିଳ ଫଟୋ ଏଡିଟିଂର ସମସ୍ୟା ବିନା ତ୍ରୁଟିହୀନ ଓ ମଜାଦାର ଫଟୋଗୁଡ଼ିକ ପାଇଁ ଏଆଇ ଇରେଜର ୨.୦, ଏଆଇ କ୍ଲିୟର ଫେସ୍, ଏଆଇ ବେଷ୍ଟ ଫେସ୍ ଓ ସ୍ମାର୍ଟ ଇମେଜ ମ୍ୟାଟିଂ ୨.୦ ଭଳି ଫିଚର ସାମିଲ ରହିଛି। ସେହିଭଳି ଏହି ଡିଭାଇସ୍‌ରେ ଗୁଗଲ ଜେମିନି ଏଲ୍‌ଏଲ୍‌ଏମ୍ ଦ୍ୱାରା ପରିଚାଳିତ ଏଆଇ ଟୁଲ୍‌ବକ୍ସ ମଧ୍ୟ ସାମିଲ ରହିଛି, ଯେଉଁଥିରେ ଦୈନନ୍ଦିନ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଏଆଇ ରାଇଟର,ଏଆଇ ସମରୀ ଓ ଏଆଇ ସ୍ପିକ୍ ଭଳି ଫିଚର ସାମିଲ ରହିଛି।

ଏ ସମ୍ପର୍କରେ ଓପୋ ଇଣ୍ଡିଆର ମୁଖ୍ୟ (ପ୍ରଡକ୍ଟ ଷ୍ଟ୍ରାଟେଜି ବିଭାଗ) ପିଟର ଡୋୟଙ୍ଗ୍ ଲି କହିଛନ୍ତି, ରେନୋ ୧୨ ସିରିଜ୍ ଓପୋ ପାଇଁ ଏକ ବଡ଼ ସଫଳତାକୁ ଚିହ୍ନିତ କରିଛି। କାରଣ ଆମେ ଏଆଇ ଫୋନ୍‌ର ଗ୍ରହଣୀୟତାକୁ ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଓପୋର ଆଡ୍‌ଭାନ୍ସଡ ଜେନ୍‌ଏଆଇ କ୍ଷମତା,ଫ୍ୟୁଚରିଷ୍ଟିକ୍ ଫ୍ଲୁଇଡ୍ ଡିଜାଇନ ଓ ଅତୁଳନୀୟ ଶକ୍ତି ଦକ୍ଷତାକୁ ପ୍ରଦର୍ଶିତ କରୁଥିବା ରେନୋ ୧୨ସିରିଜ୍ ଅତ୍ୟାଧୁନିକ ଟେକ୍ନୋଲୋଜି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ବେନେଲି-କିୱେର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ ବାଇକ୍ ବ୍ରାଣ୍ଡ 'ବେନେଲି-କିୱେ ଇଣ୍ଡିଆ'ର ଏକ୍ସକ୍ଲୁସିଭ ଆଉଟଲେଟ (ନୂତନ ଶୋ'ରୁମ୍) ନିକଟରେ ବ୍ରହ୍ମପୁରର ସାପୁଆନାଳଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ମେସର୍ସ ଚିଆରା ମୋଟର୍ସ ଆନୁକୂଲ୍ୟରେ ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ଏଠାରେ ବ୍ରାଣ୍ଡର ସେଲ୍‌ସ, ସର୍ଭିସ୍ ଓ ସ୍ପେୟାର (୩ ଏସ୍) ସୁବିଧା ମଧ୍ୟ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ଏହି ଅସରରେ ବେନେଲି-କିୱେ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝବାଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଲର ପ୍ରିନ୍ସିପାଲ ତଥା ମେସର୍ସ ଚିଆରା ମୋଟର୍ସର ଏମ୍‌ଡି ଅକ୍ଷୟ କୁମାର ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଡିଲର ପ୍ରିନ୍ସିପାଲ, ବେନେଲି -କିୱେ ବ୍ରହ୍ମପୁରଙ୍କ ଦ୍ୱାରା ୬୧ଟି ଟଚ୍ ପଏଣ୍ଟର ଏକ ଶକ୍ତିଶାଳୀ ନେଟ୍‌ୱର୍କ ପ୍ରତିଷ୍ଠା କରିଛି। ଏହି ଶୋ'ରୁମ୍‌ଟି ଏକ ଆକର୍ଷଣୀୟ ପରିସର ମଧ୍ୟରେ ଅବସ୍ଥିତ। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ବିକାଶ ଝବାଖ, ପରିଚାଳନା ନିର୍ଦ୍ଦେଶକ, ବେନେଲି-କିୱେ ଇଣ୍ଡିଆ କହିଛନ୍ତି,ଏ ସମ୍ପର୍କରେ ବେନେଲି-କିୱେ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝବାଖ କହିଥିଲେ, ଗ୍ରାହକଙ୍କ ନିକଟତର ହେବା ଲାଗି ଆମେ ସାରା ଭାରତରେ ଆମର ନେଟ୍‌ୱର୍କର ବିସ୍ତାର କରୁଛୁ। ଏପରିକି ଏହି ସମ୍ପ୍ରସାରଣ ଗ୍ରାହକଙ୍କୁ କେବଳ ବ୍ରାଣ୍ଡର ଅଗ୍ରଣୀ ସୁପରବାଇକ୍ ଅନୁଭବ କରିବାକୁ ଅନୁମତି ଦେଇ ନ ଥାଏ ବରଂ ଅତୁଳନୀୟ ଗ୍ରାହକ ସେବା ମଧ୍ୟ ପ୍ରଦାନ କରିଥାଏ। ସେହିଭଳି ଆମେ ମେସର୍ସ ଚିଆରା ମୋଟର୍ସ ସହିତ ସହଭାଗିତା କରି ବେଶ ଉତ୍ସାହିତ ଅଛୁ। ଏପରିକି ଆମେ ନିଶ୍ଚିତ ଯେ ମେସର୍ସ ଚିଆରା ମୋଟର୍ସର ସହାୟତାରେ ଆମେ ଗୁଣାତ୍ମକ ଗ୍ରାହକ ସେବା ପ୍ରଦାନ କରିବାକୁ ସକ୍ଷମ ହେବୁ। ସେହିପରି ବେନେଲି-କିୱେ ଇଣ୍ଡିଆର ଡିଲର ପ୍ରିନ୍ସିପାଲ ଅକ୍ଷୟ କୁମାର ଦାଶ କହିଛନ୍ତି, ଆମେ ବେନେଲି-କିୱେ ସହ ସାମିଲହୋଇ ଆନନ୍ଦିତ ଥିଲାବେଳେ ଆମର ଗ୍ରାହକ ଆଧାରିତ ଭିତ୍ତିଭୂମି ଓ ଆଭିମୁଖ୍ୟକୁ ନେଇ ଆମେ ସବୁ ବର୍ଗର ଗ୍ରାହକଙ୍କୁ ବ୍ରାଣ୍ଡର ପେସାଦାର ଭାବେ ଏକ ଅସୁବିଧାମୁକ୍ତ ପ୍ରିମିୟମ ବିକ୍ରୟ ଓ ସେବା ଅଭିଜ୍ଞତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏଠାରେ କିୱେ ରେଞ୍ଜର ୮ଟି ମଡେଲ ୧୨୫ସିସିରୁ ୩୦୦ସିସି ମଡେଲ ଯାହାର ମୂଲ୍ୟ ୧.୨୦ ଲକ୍ଷରୁ ୪.୨୯ ଲକ୍ଷ ଟଙ୍କାରେ ଉପଲବ୍ଧ ଥିଲାବେଳେ ବେନେଲିର ୪ଟି ମଡେଲ ୫୦୦ ସିସି ସେଗ୍‌ମେଣ୍ଟର ମୂଲ୍ୟ ୫.୬୦ ଲକ୍ଷରୁ ୬.୫୦ ଲକ୍ଷ ଟଙ୍କା ମଧ୍ୟରେ ଉପଲବ୍ଧ ରହିଛି।

## ପୁରୀ ରଥଯାତ୍ରା ମହୋତ୍ସବରେ ବେଦାନ୍ତର ନିଃଶୁଳ୍କ ସେବା

ଭୁବନେଶ୍ୱର,୧୭।୭ (ଅଭୟ ଦାଶ)



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ମହୋତ୍ସବରେ ସାମିଲ ହୋଇଥିଲା। ଏହି ଅବସରରେ କମ୍ପାନୀ ଅଗଣିତ ଭକ୍ତଙ୍କୁ ସେବା ଯୋଗାଇବା ସହ ମାଗଣା ପ୍ରସାଦ ଓ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରିଥିଲା। ଏପରିକି ଏହି ୯ଦିନିଆ ମହୋତ୍ସବରେ ଯୋଗଦେଇଥିବା ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପାଇଁ ବିଭିନ୍ନ ପ୍ରକାର ନିଃଶୁଳ୍କ ସେବା କମ୍ପାନୀର ସ୍ୱେଚ୍ଛାସେବୀଙ୍କ ଜରିଆରେ ଯୋଗ ଦିଆଯାଉଛି। ସେହିଭଳି ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ପୁରୀ ବେଶ ପରିଚିତ ଥିଲାବେଳେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ହଜାର ହଜାର ଭକ୍ତ ପୁରୀ ବଡ଼ଦାଣ୍ଡରେ ଏକତ୍ରିତ ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭଜନ ସନ୍ଧ୍ୟା ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହା ସହ ଓର୍‌ମାସ ଦ୍ୱାରା ଆୟୋଜିତ ପୁରୀ ପଲ୍ଲିଶ୍ରୀ ମେଳାରେ ଚୟନ ହୋଇଥିବା ପ୍ରକଳ୍ପଗୁଡିକୁ ମଧ୍ୟ କମ୍ପାନୀ ଉପସ୍ଥାପିତ କରିଥିଲା। ସେହିପରି ଏକା ସାଙ୍ଗରେ କମ୍ପାନୀ କର୍ମଚାରୀ,ବ୍ୟବସାୟିକ ଭାଗୀଦାରି ଓ ସେମାନଙ୍କ ପରିବାର ଉତ୍ସାହର ସହ ଯୋଗଦେଇ କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ଠାରେ ଥିବା ଟାଉନଶିପ ଏବଂ ଛତିଶଗଡ଼ର କୋର୍ବାଠାରେ ମଧ୍ୟ ରଥଯାତ୍ରା ପାଳନ କରିଥିଲେ। ଅପରପକ୍ଷରେ ବେଦାନ୍ତର ଝାରସୁଗୁଡ଼ାସ୍ଥିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ୧୯,୫୦୦ ବର୍ଗଫୁଟ ବିସ୍ତାର କରିଛି ଓ ଏଠାରେ ଅଗଣିତ ଭକ୍ତଙ୍କ ମହାସମାଗମ ହୋଇଥିଲା। ଏହା ବ୍ୟତୀତ କଳାହାଣ୍ଡିର ଲାଞ୍ଜିଗଡ଼ଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ ହୋଇଥିଲାବେଳେ ରଥଯାତ୍ରା ଉତ୍ସବରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି,ବେଦାନ୍ତ ଆଲୁମିନିୟମ ବହୁ ବର୍ଷ ଧରି ପୁରୀ ରଥଯାତ୍ରା ଉତ୍ସବରେ ଯୋଗଦେଇଆସିଛି। ଏପରିକି ପ୍ରତିବର୍ଷ କମ୍ପାନୀ ଲକ୍ଷ ଲକ୍ଷ ଭକ୍ତଙ୍କ ସେବା କରିବାର ସୌଭାଗ୍ୟ ଅର୍ଜନ କରିଛି। ଓଡ଼ିଶାର ସମୃଦ୍ଧ ଐତିହ୍ୟର ମୂଳଦୁଆ ସହ ବେଦାନ୍ତ ଆଲୁମିନିୟମ ସମ୍ପୃକ୍ତ ଅଞ୍ଚଳର ଜୀବନ୍ତ ସାଂସ୍କୃତିକ ଉତ୍ତରାଧିକାରୀଙ୍କୁ ପ୍ରୋତ୍ସାହିତ ତଥା ସଂରକ୍ଷିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି।

## ସ୍କାମରଙ୍କ ନଜରରେ ଆଇଟିଆର୍ ରିଫଣ୍ଡ

### ସତର୍କ କଲା ଆୟକର ବିଭାଗ

ଭୁବନେଶ୍ୱର୧୭।୭(ଅନୁରାଧା ମହାରଣା)

ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ପାଖେଇ ଆସୁଛି। ରିଟର୍ନ ଦାଖଲ କରିବା ପରେ ଅନେକ ଲୋକ ବର୍ତ୍ତମାନ ସେମାନଙ୍କ ରିଫଣ୍ଡ ପାଇଁ ଅପେକ୍ଷା କରିଛନ୍ତି। ଅନ୍ୟପଟେ ସାଇବର ଠକଙ୍କ ନଜର ଏହି ଶ୍ରେଣୀର ବ୍ୟକ୍ତିଙ୍କ ଉପରେ ରହିଛି। ଏନେଇ ଆୟକର ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆୟକର ବିଭାଗ ବୁଧବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ସୂଚନା ଦେଇଛି ଯେ ଟିକସଦାତାଙ୍କୁ ନକଲି ପପ-ଅପ ବାର୍ତ୍ତା ଠାରୁ ଦୂରେଇ ରହିବା ଉଚିତ୍। ଟିକସଦାତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଚୋରି କରିବା ପାଇଁ ସାଇବର ଅପରାଧୀମାନେ ଆୟକର ରିଫଣ୍ଡକୁ ଅସ୍ତ୍ର ଭାବରେ ବ୍ୟବହାର କରିପାରନ୍ତି। ଅପରାଧୀମାନେ ନକଲି ମେସେଜ୍ ପଠାଇ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା କରିପାରନ୍ତି। ରିଫଣ୍ଡ ଠକେଇର ଅନେକ ମାମଲା ସାରା ଦେଶରେ ପଦାକୁ ଆସିବା ପରେ ଆୟକର ବିଭାଗ ଟିକସଦାତାଙ୍କୁ ପରାମର୍ଶ ଦେଇଛି। ଆୟକର ବିଭାଗ ଅନୁଯାୟୀ, ସାଇବର ଠକ ମାନେ ପଠାଉଥିବା ନକଲି ମେସେଜରେ ଆପଣଙ୍କ ରିଫଣ୍ଡ ଅନୁମୋଦନ ହୋଇଥିବା ଉଲ୍ଲେଖ ରହିଥାଏ। ଏହି ଟଙ୍କା ଶୀଘ୍ର ଉପଭୋକ୍ତାଙ୍କ ଆକାଉଣ୍ଟରେ ଜମା ହେବା ପାଇଁ ନିମ୍ନରେ ଦିଆଯାଇଥିବା ଲିଙ୍କ ପରିଦର୍ଶନ କରି ଆପଣ ଆପଣଙ୍କର ଆକାଉଣ୍ଟ ନମ୍ବର ଯାଞ୍ଚ କରିପାରିବେ କିମ୍ବା ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଅପଡେଟ କରିପାରିବେ ବୋଲି ଏଥିରେ ଦର୍ଶାଯାଇଥାଏ। ଏପରି ମେସେଜର ରିପ୍ଲାଏ ନକରିବା ପାଇଁ ବିଭାଗ ପରାମର୍ଶ ଦେଇଛି। ବିଭାଗ ଅନୁଯାୟୀ, ଏହି ଲିଙ୍କ ଟିକସଦାତାଙ୍କୁ ଏକ ନକଲି ୱେବସାଇଟକୁ ନେଇଥାଏ। ସେଠାରେ ଖାତା ଅପଡେଟ କରିବାବେଳେ, ଏକ ଓଟିପି ପଠାଯାଏ। ଓଟିପି ପ୍ରବେଶ କରିବା ମାତ୍ରେ ସ୍କାମରମାନେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇନିଅନ୍ତି। ଆୟକର ବିଭାଗ ଏପରି କୌଣସି ମେସେଜ୍ କିମ୍ବା ଇ-ମେଲ ପଠାଇନଥାଏ ବରଂ ସିଧାସଳଖ ଟିକସଦାତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ରିଫଣ୍ଡ ପଠାଯାଏ ବିଭାଗ କହିଛି।

ଫୁରସତ୍

# ବିନା ଦୁଗ୍ଧରେ ଲହୁଣି

### ଆମେରିକୀୟ ଷ୍ଟାର୍ଟଅପ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ

ୱାଶିଂଟନ୍

ଆମେରିକାର କାଲିଫର୍ନିଆସ୍ଥିତ ସାବୋର ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ କ୍ଷୀର କିମ୍ବା ଅନ୍ୟ କୌଣସି ଦୁଗ୍ଧ ଜାତୀୟ ଉତ୍ପାଦ ବ୍ୟବହାର ନ କରି ଲହୁଣି ପ୍ରସ୍ତୁତ କରିପାରୁଥିବା ନେଇ ଦାବି କରିଛି। ବାୟୁରୁ ଅଙ୍ଗାରକାମ୍ଳ, ଉଦ୍‌ଯାନ ଏବଂ ଅମ୍ଳଜାନର ମିଶ୍ରଣକୁ ବ୍ୟବହାର କରି ଏହି ଲହୁଣି ପ୍ରସ୍ତୁତ କରାଯାଉଛି ବୋଲି ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍‌ସଙ୍କ ସମର୍ଥିତ ଏହି ଷ୍ଟାର୍ଟଅପ୍ କମ୍ପାନୀ କହିଛି। ଉକ୍ତ ପ୍ରକ୍ରିୟାରେ ପ୍ରଥମେ ବାୟୁରୁ ଅଙ୍ଗାରକାମ୍ଳ ଗ୍ୟାସ ଓ ଜଳରୁ ଉଦ୍‌ଯାନ ଗ୍ୟାସ୍ ନିଆଯାଇ ଗରମ କରାଯାଇଥାଏ। ଏହା ପରେ ଫ୍ୟାଟି ଏସିଡ୍‌କୁ ଅଲଗା କରିବା ପାଇଁ ଉକ୍ତ ମିଶ୍ରଣକୁ ଅକ୍ସିଡାଇଜ୍ କରାଯାଏ। ଫଳରେ କ୍ଷୀର ଏହଂ ବିଭିନ୍ନ ଦୁଗ୍ଧ ଜାତୀୟ ପଦାର୍ଥ ଭଳି ଚର୍ବି ଉତ୍ପନ୍ନ ହୋଇଥାଏ, ଯାହା ଲହୁଣିକୁ ସ୍ୱାଦିଷ୍ଟ କରିଥାଏ ବୋଲି ସାବୋର ପକ୍ଷରୁ ଦାବି କରାଯାଇଛି। ସାବୋରର ମୁଖ୍ୟ କାର୍ଯ୍ୟ ନିର୍ବାହୀ କ୍ୟାଥ୍‌ଲିନ ଆଲେକ୍ସଜାଣ୍ଡର କହିଛନ୍ତି, ବଜାରରେ ବର୍ତ୍ତମାନ ସୁଦ୍ଧା ଏଭଳି ଲହୁଣି ବିକ୍ରି ହୋଇନାହିଁ। ଏହି ଦୁଗ୍ଧମୁକ୍ତ ଲହୁଣି ବିକ୍ରି ପାଇଁ ସରକାରଙ୍କଠାରୁ ଅନୁମୋଦନ ଆବଶ୍ୟକ, ତେଣୁ କମ୍ପାନୀ ପକ୍ଷରୁ ଏଦିଗରେ କାର୍ଯ୍ୟ କରାଯାଉଛି।



ସେପଟେ ଏହି ପଦକ୍ଷେପକୁ ସମର୍ଥନ କରି ବିଲ୍ ଗେଟ୍‌ସ କହିଛନ୍ତି, ବିନା ଦୁଗ୍ଧ ଜାତୀୟ ପଦାର୍ଥରେ ଲହୁଣୀ ଉତ୍ପାଦିତ ହେବା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ଆଇସ୍‌କ୍ରିମ, ପନୀର, କ୍ଷୀର ଆଦି ବିଭିନ୍ନ ଦୁଗ୍ଧ ଜାତୀୟ ଖାଦ୍ୟକୁ ବ୍ୟବହାର ନ କରି ଲହୁଣି ଉତ୍ପାଦ କରିବା ପାଇଁ ସାବୋର ଦୀର୍ଘ ସମୟ ଧରି ପରୀକ୍ଷାନୀରିକ୍ଷା କରିଆସୁଛି। ଏହି ପ୍ରକ୍ରିୟାରେ କୌଣସି ଗ୍ରୀନ୍ ହାଉସ୍ ଗ୍ୟାସ ରିଲିଜ୍ ହେଉ ନ ଥିବାରୁ ଦୁଗ୍ଧମୁକ୍ତ ଲହୁଣି ଉତ୍ପାଦନର ଅଭିନବ ଉପାୟ ପରିବେଶ ପାଇଁ ଲାଭଦାୟର ହୋଇପାରିବ ବୋଲି ବିଲ୍ ଗେଟ୍‌ସ କହିଛନ୍ତି। ସୂଚନାଯୋଗ୍ୟ, ଜାତିସଂଘ ରିପୋର୍ଟ ଅନୁଯାୟୀ ଆମେରିକାରେ ସବୁଜ ଗୃହ ବାଷ୍ପ ଉତ୍ସର୍ଜନର ୧୪.୫% ଅଂଶ ପାଇଁ ପଶୁପାଳନ ଶିଳ୍ପ ଦାୟୀ। ମାଂସ ଏବଂ ଦୁଗ୍ଧ ଜାତୀୟ ଦ୍ରବ୍ୟର ବ୍ୟବହାରକୁ ହ୍ରାସ କରାଗଲେ ପଶୁପାଳନ ଶିଳ୍ପ ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ହ୍ରାସ କରାଯାଇପାରିବ ବୋଲି ସାବୋର ପକ୍ଷରୁ କୁହାଯାଇଛି।

# ଶାନ୍ତି ପାଇଁ ଜୀବନ ଉତ୍ସର୍ଗ କରିଥିଲେ

### ଆଜି ଅନ୍ତର୍ଜାତୀୟ ମଣ୍ଡେଲା ଦିବସ

ସମଗ୍ର ବିଶ୍ୱରେ ଅନେକ ମହାନ ବ୍ୟକ୍ତି ଜନ୍ମ ନେଇଛନ୍ତି, ଯେଉଁମାନେ ସେମାନଙ୍କର କାର୍ଯ୍ୟ ଏବଂ ଚିନ୍ତାଧାରା ସହିତ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏପରି ଲୋକମାନଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକାର ନେଲସନ ମଣ୍ଡେଲା ଅନ୍ୟତମ। ସେ ନିଜର ସମଗ୍ର ଜୀବନକୁ ଶାନ୍ତି ତଥା ବର୍ଣ୍ଣବୈଷମ୍ୟ ବିରୋଧରେ ଉତ୍ସର୍ଗ କରିଥିଲେ। ଜୁଲାଇ ୧୮ରେ ମାଣ୍ଡେଲାଙ୍କ ଜନ୍ମଦିନକୁ ଅନ୍ତର୍ଜାତୀୟ ମଣ୍ଡେଲା ଦିବସ ଭାବରେ ପାଳନ କରାଯାଏ।

ଏହି ଦିବସ ପ୍ରଥମେ ଜୁଲାଇ ୧୮, ୨୦୧୦ରେ ପାଳନ କରାଯାଇଥିଲା।



ଏହାପୂର୍ବରୁ ନଭେମ୍ବର ୨୦୦୯ରେ ମିଳିତ ଜାତିସଂଘ ଆନୁଷ୍ଠାନିକ ଭାବରେ ନେଲସନ ଅନ୍ତର୍ଜାତୀୟ ମଣ୍ଡେଲା ଦିବସ ପାଳନ କରିବାକୁ ଘୋଷଣା କରିଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ଜୁଲାଇ ୧୮ରେ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବରେ ପାଳନ କରାଯାଏ। ନେଲସନ ମଣ୍ଡେଲା ତାଙ୍କର ସମଗ୍ର ଜୀବନ ରଙ୍ଗଭେଦ ବିରୋଧରେ ଏବଂ ଶାନ୍ତି ପାଇଁ ଲଢିଥିଲେ। ଏହି ଦିନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଦାରିଦ୍ର, ସାଂସ୍କୃତିକ ବିବିଧତା, ଶାନ୍ତି ଏବଂ ସମନ୍ୱୟ ସହ ଲଢିବାକୁ ଉତ୍ସାହିତ କରିବା।

ସମଗ୍ର ବିଶ୍ୱରେ ଶାନ୍ତି ପାଇଁ ନେଲସନ ମଣ୍ଡେଲାଙ୍କ ଅକ୍ଳାନ୍ତ ଉଦ୍ୟମକୁ ଦୃଷ୍ଟିରେ ରଖି ୨୦୧୪ରେ ମିଳିତ ଜାତିସଂଘ ସାଧାରଣ ସଭା ମଧ୍ୟ ନେଲସନ ମଣ୍ଡେଲା ପୁରସ୍କାର ଦେବାକୁ ଘୋଷଣା କରିଥିଲା। ଏହି ପୁରସ୍କାର ପ୍ରତି ପାଞ୍ଚ ବର୍ଷରେ ଥରେ ଦିଆଯାଏ। ଯେଉଁମାନେ ମାନବିକତାର ସେବାରେ ନିଜର ସମସ୍ତ ଜୀବନକୁ ଉତ୍ସର୍ଗ କରିଛନ୍ତି ସେମାନଙ୍କ ସଫଳତାକୁ ଚିହ୍ନିବା ପାଇଁ ଏହି ପୁରସ୍କାର ଦିଆଯାଏ।

# ଇନ୍‌ଷ୍ଟାରେ ପ୍ରିନ୍ସେସ୍‌ଙ୍କ ୩ ତଲାକ୍

ଦୁବାଇ


ଶଇଖା ମହରା

ଦୁବାଇ ଶାସକଙ୍କ ଝିଅ ଶଇଖା ମହରା ବିଣ୍ଟ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକ୍‌ତୋଉମ୍ ଇନ୍‌ଷ୍ଟାଗ୍ରାମରେ ନିଜ ସ୍ୱାମୀ ଶେଖ୍ ମାନା ବିନ୍ ମହମ୍ମଦ ବିନ୍ ରାଶିଦ୍ ବିନ୍ ଅଲ୍ ମକ୍‌ତୋଉମ୍‌ଙ୍କୁ ଛାଡ଼ପତ୍ର ଦେଇଛନ୍ତି। ପ୍ରିନ୍ସେସ୍ ମହରା ଏକ ପୋଷ୍ଟରେ ଲେଖିଛନ୍ତି, ଡିଅର୍ ହଜ୍‌ବ୍ୟାଣ୍ଡ। ତୁମେ ଅନ୍ୟ ସାଥୀମାନଙ୍କ ସହ ବ୍ୟସ୍ତ ରହୁଛ। ତେଣୁ ମୁଁ ତୁମକୁ ଛାଡ଼ପତ୍ର ଦେଉଛି। ଆଇ ଡିଭୋର୍ସ ୟୁ। ଆଇ ଡିଭୋର୍ସ ୟୁ। ଆଇ ଡିଭୋର୍ସ ୟୁ। ଟେକ୍ କେୟାର। ୟୋର୍ ଏକ୍ସ-ୱାଇଫ୍। ୨ ମାସ ତଳେ ନିଜ ପ୍ରଥମ ପିଲାକୁ ଜନ୍ମ ଦେଇଥିବା ମହରାଙ୍କ ଏହି ପଦକ୍ଷେପ ସୋସିଆଲ ମିଡିଆରେ ସେନ୍‌ସେଶନ୍ ସୃଷ୍ଟି କରିଛି। ଏହି କପଲ୍ ପରସ୍ପରକୁ ଅନ୍‌ଫଲୋ କରିଛନ୍ତି। ଏଥିସହ ନିଜ ନିଜ ପ୍ରୋଫାଇଲରେ ଥିବା ପରସ୍ପରର ଫଟୋକୁ ମଧ୍ୟ ଡିଲିଟ୍ କରିଛନ୍ତି। ପ୍ରକାଶ ଯେ, ୧୯୯୪ ଫେବୃୟାରୀ ୨୬ରେ ଜନ୍ମିତ ଶଇଖା ମହରା ହେଉଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭାଇସ୍ ପ୍ରେସିଡେଣ୍ଟ ଏବଂ ପ୍ରାଇମ୍ ମିନିଷ୍ଟର ତଥା ଦୁବାଇ ଶାସକଙ୍କ ଝିଅ। ସେ ୟୁଏଇରେ ମହିଳା ସଶକ୍ତୀକରଣ ପାଇଁ ସ୍ୱର ଉତ୍ତୋଳନ କରିଥାଆନ୍ତି। ବ୍ରିଟେନ୍‌ର ଏକ ୟୁନିଭର୍ସିଟିରୁ ଇଣ୍ଟରନ୍ୟାଶନାଲ ରିଲେଶନ୍ସରେ ଡିଗ୍ରୀ ହାସଲ କରିଛନ୍ତି। ୨୦୨୩ ଜୁନ୍‌ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

